ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧ ଏପ୍ରିଲ, ୨୦୨୨

### ବାର୍‌ହା ଆକ୍ରମଣରେ ଯୁବକ ଆହତ

ମହାକାଳପଡା,(ଡି.ଏନ.ଏ.): ମହାକାଳପଡା ବ୍ଲକ ଉପକୂଳ ଅଞ୍ଚଳ ବତୀଘର ପଞ୍ଚାୟତ କଜଳପାତିଆ ଗାଁର ବାବଲ ପାତ୍ର (୪୫) ନିକଟ ଜଙ୍ଗଲ ପାର୍ଶ୍ୱ ଜମିକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ଜଙ୍ଗଲରୁ ଏକ ବାର୍‌ହା ହଠାତ ତାଙ୍କୁ ଆକ୍ରମଣ କରିଥିଲା। ପରେ ସ୍ଥାନୀୟ ଲୋକ ପହଞ୍ଚି ବାବଲକୁ ଉଦ୍ଧାର କରି ବତୀଘର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲେ। ଆହତ ବାବଲଙ୍କ ପେଟରେ ଗଭୀର ଆଘାତ ହୋଇଛି। ଆହାତ ରୋଗୀଙ୍କୁ ତୁରନ୍ତ ବନ ବିଭାଗ କ୍ଷତିପୂରଣ ଦେବା ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି।



# ତୃଣମୂଳସ୍ତରରେ ପହଞ୍ଚୁ ନାହିଁ ଉନ୍ନୟନ ଯୋଜନା

କେନ୍ଦ୍ରାପଡା ଅଫିସ, ୩୧।୩

■ କେନ୍ଦ୍ରାପଡ଼ା ଜିଲା ଗଠନକୁ ୨୯ ବର୍ଷ ବିତିଲା
■ କର୍ମନିଯୁକ୍ତି ସମସ୍ୟାରେ ଛଟପଟ ଜିଲାବାସୀ
■ ରାଜନେତା, ପ୍ରଶାସକଙ୍କ ସମନ୍ୱୟ ଜରୁରୀ



ରାଜ୍ୟ ସରକାର ୧୯୯୩ ଏପ୍ରିଲ ୧ରେ ଅବିଭକ୍ତ କଟକ ଜିଲାକୁ ଭାଗ କରି କେନ୍ଦ୍ରାପଡ଼ାକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ପ୍ରଦାନ କରିଥିଲେ। ଏହି ଜିଲା ମାନ୍ୟତାକୁ ଇତିମଧ୍ୟରେ ୨୯ ବର୍ଷ ବିତିବ। ଜିଲା ଗଠନ ପରେ ଏହାର ବିକାଶକୁ ନେଇ ସ୍ୱପ୍ନ ଦେଖିଥିବା ଜିଲାବାସୀ ଏବେବି ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇପଡିଛନ୍ତି। ସମସ୍ତଙ୍କ ନିକଟରେ ମୌଳିକ ଆବଶ୍ୟକତା, ସୁବିଧା ଓ ଉନ୍ନୟନ ଯୋଜନା ପହଞ୍ଚି ପାରିନାହିଁ। କର୍ମନିଯୁକ୍ତି ଏକ ବଡ ସମସ୍ୟା ହୋଇଛି। କୃଷି ଅର୍ଥନୀତିଭିତ୍ତିକ ଜିଲାର ବିକାଶ କ୍ଷେତ୍ରରେ ରାଜ୍ୟର ୨୬ତମ ସ୍ଥାନରେ ରହିଛି। ବିକାଶ ରଥକୁ ଆଗେଇ ନେବାକୁ ନିଯୁକ୍ତ ୪୮ ଜିଲାପାଳଙ୍କ ବଦଳି ଏହାର ଅନ୍ୟତମ କାରଣ ସହ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ଜରୁରୀ ବୋଲି ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ସହ ଅବିଭକ୍ତ କଟକ ଜିଲାରୁ ପଡୋଶୀ ଯାଜପୁର ଓ ଜଗତ୍‌ସିଂହପୁର ଜିଲା ଗଠନ ହୋଇଥିଲା। ଏହି ଦୁଇ ପଡୋଶୀ ଜିଲାରେ ରାଜନେତା, ପ୍ରଶାସକଙ୍କ ସମନ୍ୱୟରେ ଆର୍ଥିକ ଓ ସାମାଜିକ ବିକାଶ ହେଉଥିବା ବେଳେ କେନ୍ଦ୍ରାପଡ଼ା ଖୁବ୍ ପଛରେ ରହିଛି। ଜିଲାରେ ଏବେ ୧୬ ଲକ୍ଷରୁ ଅଧିକ ଅଧିବାସୀ ୧୫୯୨ ରାଜସ୍ୱ ଗ୍ରାମରେ ଅଛନ୍ତି। ଦେଶର ସର୍ବପ୍ରଥମ ମ୍ୟୁନିସିପାଲିଟି ଭାବେ କେନ୍ଦ୍ରାପଡ଼ାକୁ ମାନ୍ୟତା ଦିଆଯାଇଛି। ତେବେ ସମସ୍ତଙ୍କ ନିକଟରେ ମୌଳିକ ଆବଶ୍ୟକତା ପହଞ୍ଚି ପାରିନାହିଁ। ଅଦ୍ୟାବଧି ୧୭ ପଞ୍ଚାୟତକୁ ସଡ଼କ ଯୋଗାଯୋଗ ପଥ ନ ଥିବାରୁ ଦମକଳ ଗାଡି ଓ ଆମ୍ବୁଲାନ୍ସ ସେବା ପହଞ୍ଚି ପାରିନାହିଁ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ସତ୍ତ୍ୱେ କେତେକ ପଡା ଅଞ୍ଚଳକୁ ବିଦ୍ୟୁତ୍ ସେବାରୁ ବଞ୍ଚିତ କରାଯାଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ମୌଳିକ ଆବଶ୍ୟକତା ପୂରଣ ହୋଇ ପାରୁ ନ ଥିବାରୁ ଜିଲାବାସୀଙ୍କ ସୁଖଦ ସ୍ୱପ୍ନ ହଜିଥିବା ସେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ଶିଳ୍ପ ବିହୀନ ଏହି ଜିଲାରେ କର୍ମନିଯୁକ୍ତି ଏକ ବଡ ସମସ୍ୟା। ୫୭ ହଜାରରୁ ଅଧିକ ବୈଷୟିକ ଡିଗ୍ରୀଧାରୀ କର୍ମ ନିଯୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିଲେ ମଧ୍ୟ ନିଯୁକ୍ତି ମିଳିପାରୁନାହିଁ। ଯୁବବର୍ଗ ଜିଲା ବାହାରେ କର୍ମ ଅନ୍ୱେଷଣରେ ଅଛନ୍ତି। ପ୍ରତି ସପ୍ତାହରେ ଦାଦନ ଯନ୍ତ୍ରଣାଜନିତ ଖବର ଜିଲାରେ ପହଞ୍ଚୁଛି। ଏପରିକି କରୋନା ସଂକ୍ରମଣ ସମୟରେ ଜିଲାର ପ୍ରାୟ ୩ ଲକ୍ଷ ଶ୍ରମିକ ପ୍ରବାସରୁ ଫେରିଥିବା ଏକ ବେସରକାରୀ ସଂସ୍ଥାର ସର୍ଭେରୁ ଜଣାପଡିଛି। ନିର୍ବାଚନ ସମୟରେ ବରୁଣେଇ ବନ୍ଦର, ପାୱାର ଥର୍ମାଲ ପ୍ଲାଣ୍ଟ, ନଦୀଭିତ୍ତିକ ବନ୍ଦର, ଶିଳ୍ପ ପ୍ରତିଷ୍ଠା, ଜାତୀୟ ଉଦ୍ୟାନର ସୁରକ୍ଷା, ଐତିହ୍ୟର ପୁନରୁଦ୍ଧାର, ବିଭିନ୍ନ ନଦୀରେ ସେତୁ, ମେଡିକାଲ କଲେଜ, କୃଷି ଭିତ୍ତିକ ଶିଳ୍ପ, କେନ୍ଦ୍ରାପଡ଼ା ବିଶ୍ୱବିଦ୍ୟାଳୟ, ବିଏଡ୍ କଲେଜ ଆଦିର ପ୍ରତିଷ୍ଠା ନେଇ ରାଜନେତା ସ୍ୱପ୍ନ ଦେଖାଉଥିବା ବେଳେ ଅଦ୍ୟାବଧି ପୂରଣ ହୋଇନାହିଁ। କୃଷି ପାଇଁ ଜଳ ପରିଚାଳନା ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ତେବେ ଏହି ଜିଲାର କୃଷକ ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟା ମଧ୍ୟରେ ରହି ଅର୍ଥକରୀ ଫସଲ ଉତ୍ପନ୍ନ କରିପାରୁନାହାନ୍ତି। ସେହିପରି ମଣ୍ଡି ଓ ଶୀତଳଭଣ୍ଡାର, ତାଲିମ ଆଦି କ୍ଷେତ୍ରରେ ଜିଲା ଢେର ପଛୁଆ ଥିବା ସେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ମନୋଜ ନାୟକ କହିଛନ୍ତି, ଜାତୀୟ ଉଦ୍ୟାନ ଭିତରକନିକାର ଜଙ୍ଗଲ ଅଞ୍ଚଳ ଏବେ ଅନୁପ୍ରବେଶକାରୀଙ୍କ କବଳରେ ଅଛି। ଏଥିସହ ପାରାଦୀପ-ଚାନ୍ଦବାଲି ରାଜପଥ କେନ୍ଦ୍ରାପଡ଼ା ମଧ୍ୟରେ ୪୫ କି.ମି. ଅଛି। ଏହି ବାଟ ଦେଇ ପରିବହନ ଗାଡି ଧକ୍କାରେ ଜିଲାବାସୀ ମୃତାହତ ହେଉଥିଲେ ମଧ୍ୟ ଜଗତ୍‌ସିଂହପୁର, କେନ୍ଦୁଝର, ଯାଜପୁରର ଶିଳ୍ପ ଓ ଖଣି ଅଞ୍ଚଳରୁ ସିଏସ୍‌ଆର ବାବଦରେ ଟଙ୍କାଟିଏ ମିଳୁନାହିଁ। ଜିଲାର ବିକାଶ ପାଇଁ ରାଜନେତା ଓ ପ୍ରଶାସକଙ୍କର ସମନ୍ୱୟ ଜରୁରୀ ବୋଲି ସେ ମତ ଦେଇଛନ୍ତି।

## ସଂକ୍ଷେପରେ

### ସମିମା ହେଲେ ଜିଲା କଂଗ୍ରେସ ସମ୍ପାଦିକା



କେନ୍ଦ୍ରାପଡ଼ା ଅଫିସ,୩୧।୩: କେନ୍ଦ୍ରାପଡ଼ା ଜିଲା ମହିଳା କଂଗ୍ରେସର ସାଙ୍ଗଠନିକ କର୍ମକର୍ତ୍ତାଙ୍କ ପରିବର୍ତ୍ତନ ହୋଇଛି। ସହରର ଫକୀରାବାଦସ୍ଥିତ ସମିମା ବେଗମଙ୍କୁ ସମ୍ପାଦିକା ପଦରେ ଗୁରୁବାର ଜିଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ ନିଯୁକ୍ତି ଦେଇଛନ୍ତି। ଏ ସମ୍ପର୍କରେ ସମିମା କୁହନ୍ତି , ସଙ୍ଗଠନର ପୁର୍ନବିନ୍ୟାସ ସହ ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଚଳିତ ପୌର ନିର୍ବାଚନରେ ତାଙ୍କର ସହଯୋଗରେ ସ୍ଥାନୀୟ କାଉନସିଲରଙ୍କ ବିଜୟ ହୋଇଛି। ଏଥିସହ ଆଗାମୀ ଦିନରେ ଜିଲାର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସର ପୁର୍ନଉତଥାନ ହେବ ବୋଲି ଆଶା ରଖିଛନ୍ତି।

### ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ବୋରି ଉଦ୍‌ଯାପିତ

ମାର୍ଶାଘାଇ,୩୧।୩(ଡି.ଏନ.ଏ.): ମାର୍ଶାଘାଇ ମହାବିଦ୍ୟାଳୟରେ ୪ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର କ୍ୟାମ୍ବୋରି-୨୦୨୨ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ବିଡିଓ ଉମାଶଙ୍କର ବେହେରା, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଡ. ଅମୀୟ କୁମାର ଜେନା ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଡେରାବିଶ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ସମ୍ପାଦିକା ସ୍ମିତା ପ୍ରତିଭା ସାହୁ ବିବରଣୀ ପାଠ କରିଥିବା ବେଳେ ଅଧାପକ ସୁକାନ୍ତ କୁମାର ପ୍ରଧାନ ଅତିଥି ପରିଚୟ ଓ ଜିଲା ସ୍କାଉଟ୍ସ ଓ ଗାଇଡ୍ସର କମିଶନର ପୀତବାସ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଆଳି ବାର୍ ଆସୋସିଏଶନର ନିର୍ବାଚିତ ପ୍ରତିନିଧିଙ୍କ ଶପଥ ପାଠ

ଆଳି,୩୧।୩(ଡି.ଏନ.ଏ.): ଆଳି ବାର ଆସୋସିଏଶନ ପକ୍ଷରୁ ନିର୍ବାଚିତ ପ୍ରତିନିଧିଙ୍କର ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାର ଆସୋସିଏଶନ ସଭାପତି ପ୍ରମୋଦ ରାୟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆଳି କୋର୍ଟର ବିଚାରପତି ଦୀପ୍ତି ରଞ୍ଜନ ଦାସ ଯୋଗ ଦେଇ ଆଇନଜୀବୀଙ୍କୁ ଆଇନ ଦିଗରେ ଥିବା ବିଭିନ୍ନ ମାର୍ଗଦର୍ଶିତା ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ମହାନ୍ତି ବାର ଆସୋସିଏଶନର ସଭାପତି ପ୍ରମୋଦ ରାୟ, ସମ୍ପାଦକ ନୃସିଂହ ଚରଣ ଦୀକ୍ଷିତ, ଉପସଭାପତି ଭାବେ ମୃତ୍ୟୁଞ୍ଜୟ ସାମଲ, ସହସମ୍ପାଦକ ପ୍ରତିଭା ପାତ୍ର, ଲାଇବ୍ରେରିଆନ ଭାବେ ସୁଶାନ୍ତ କୁମାର ଦୀକ୍ଷିତ, ସାଂସ୍କୃତିକ ସମ୍ପାଦକ ଭାବେ ହିମାଂଶୁ ଭୂଷଣ ବେହେରା, କୋଷାଧକ୍ଷ ଭାବେ ସୂର୍ଯ୍ୟମଣି ସାମଲଙ୍କୁ ଶପଥ ପାଠ କରାଇଥିଲେ।

### ସଂଯମତା ହିଁ ବାଳିକାଙ୍କ ସୁରକ୍ଷା କବଚ

ରଘୁନାଥପୁର,୩୧।୩(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ଜୁନିୟର କଲେଜରେ ବାଳିକା ଆତ୍ମସୁରକ୍ଷା କୌଶଳ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଛି। ଅଧକ୍ଷ ସରୋଜ କୁମାର ପଣ୍ଡାଙ୍କ ପୌରୋହିତରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଭଗବାନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଳିକାଙ୍କୁ ସଂଯମତା ରକ୍ଷା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ହିତେଶ କୁମାର ମହାନ୍ତି, ପ୍ରାଧାପିକା ବିରସ ନାୟକ, ଅଧାପକ ପ୍ରତାପ ଲେଙ୍କା, ଗଦାଧର ପାଣି, ସ୍ମିତାରାଣୀ ପ୍ରଧାନ ଓ ଯାଜ୍ଞସେନୀ ରାଉତ ବକ୍ତବ୍ୟ ରଖିଥିଲେ।

### ବେରା କିଙ୍ଗ୍‌ଷ୍ଟାର ଚାମ୍ପିୟନ

ଏରସମା,୩୧।୩(ସ୍ୱ.ପ୍ର.): ଏରସମା ବ୍ଲକ ପଦ୍ମପୁର ପଞ୍ଚାୟତ ଶିଆଳି ବେଳାଭୂମିରେ ଦୋଳଗୋବିନ୍ଦ ଜୀଉ ୟୁଥ କ୍ଲବ ପକ୍ଷରୁ ଚାଲିଥିବା ପ୍ରଦୀପ୍ତ ମାଇତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଚୂଡାନ୍ତ ଖେଳ ବେରା କିଙ୍ଗ୍‌ଷ୍ଟାର ଓ ମହାବୀର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବେରା କିଙ୍ଗ୍‌ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲା। ଜବାବରେ ମହାବୀର କ୍ରିକେଟ କ୍ଲବ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୬୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏଥିରେ ମନୋଜ ଦାସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ କୁନାଲ ଦାସ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ । ଅନୁଷ୍ଠାନର ସଭାପତି ସୁକାନ୍ତ କୁମାର ମହାନ୍ତି ଓ ସମ୍ପାଦକ ରବୀନ୍ଦ୍ର ପାତ୍ର ଖେଳ ପରିଚାଳନା କରିଥିଲେ।

## ସମକାଳୀନ ଓଡ଼ିଆ କବିତାରେ ବସନ୍ତ ବିଳାସ ଶୀର୍ଷକ ଆଲୋଚନାଚକ୍ର



ଅତିଥିମାନେ ପୁସ୍ତକ ଉନ୍ମୋଚିତ କରୁଛନ୍ତି।

ଯାଜପୁର ସଦର,୩୧।୩(ଡି.ଏନ.ଏ.)

**ପୁସ୍ତକ ଲୋକାର୍ପଣ, କବିତା ଆସର**

ଜଳବାୟୁ ପରିବର୍ତ୍ତନ ସହିତ ଆମର ସୌଖୀନ ଜୀବନଶୈଳୀ କେବଳ ବସନ୍ତ ନୁହେଁ, ମଣିଷ ଜୀବନରୁ କ୍ରମଶଃ ଧୀରେ ଧୀରେ ସୁଖ, ଶାନ୍ତି ଓ ଆନନ୍ଦକୁ ଦୂରେଇ ନେଉଛି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ଦେଇଛନ୍ତି। ଯାଜପୁର ସହରସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖ ସ୍ୱାଧୀନତା ସଂଗ୍ରାମୀ ଭବନଠାରେ ବୁଧବାର ସନ୍ଧ୍ୟାରେ ଯାଜପୁର ଜିଲା ସାହିତ୍ୟ ମଞ୍ଚ ପକ୍ଷରୁ ବସନ୍ତ ମିଳନ ଉତ୍ସବ, ପୁସ୍ତକ ଲୋକାର୍ପଣ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିତ୍ୟିକ ଘନ ପରିଡ଼ା, ପ୍ରାବନ୍ଧିକ ଗୌତମ ଜେନା, କବି ରମେଶ ପତି, ଗୀତିକାର ଅନିଲ କୁମାର ମହାନ୍ତି, କବୟିତ୍ରୀ କଲ୍ୟାଣୀ ନାୟକ ଓ ଅନୁସୃଜକ ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇ ସମକାଳୀନ ଓଡ଼ିଆ କବିତାରେ ବସନ୍ତ ବିଳାସ ଶୀର୍ଷକ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ଏହି ଅବସରରେ ରମେଶ ପତିଙ୍କ ହିନ୍ଦୀ ଅନୁଦିତ କବିତା ସଙ୍କଳନ କଟାବ, ଗୌତମ ଜେନାଙ୍କ ଗୀତି କବିତା ସଙ୍କଳନ ଅସରନ୍ତି ସ୍ୱପ୍ନ ଓ ଶରତ କୁମାର ସାହୁଙ୍କ ଉପନ୍ୟାସ ଅଗ୍ନିସ୍ନାନ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ସାହିତ୍ୟିକ ଗିରିଧାରୀ ସ୍ୱାଇଁ, ଶିକ୍ଷାବିତ୍ ଧରଣୀଧର ମହାପାତ୍ର, ଅଧିକାରୀ ନବକିଶୋର ଦାସ, ସାମାଜିକ କର୍ମୀ ପାଣ୍ଡବ ସାହୁ, , ଗୋବିନ୍ଦ ଚନ୍ଦ୍ର ଦାଶ, ବିଜୟ କୁମାର ମହାରଣା, ଚନ୍ଦ୍ରଶେଖର ସାହୁ, ପ୍ରଦୀପ୍ତ କୁମାର ଦାସ ଓ ସତ୍ୟବ୍ରତ ସାହୁ ପ୍ରମୁଖ ଆଲୋଚନାରେ ଭାଗନେବା ସହିତ ସ୍ୱରଚିତ କବିତା ପାଠ କରିଥିଲେ।

## ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି

ତିର୍ତ୍ତୋଲ, ୩୧।୩ (ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ର ଜନ ଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିପିଓ ଚକ୍ରଧର ମାହାଳି ସଭାପତିତ୍ୱ କରିଥିଲେ। ଶିବିରରେ ଜଗତ୍‌ସିଂହପୁର ଜିଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ଉପାଧକ୍ଷା ସନ୍ଧ୍ୟାରାଣୀ ମହାନ୍ତିଙ୍କ ସମେତ ସମସ୍ତ ପଞ୍ଚାୟତର ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅମ୍ବୁଡ୍‌ସମ୍ୟାନ ରମେଶ ଚନ୍ଦ୍ର ବେହେରା ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ବିଡିଓ ଅଟଳ ବିହାରୀ ସ୍ୱାଇଁ ଯୋଜନାର ସଫଳ ରୂପାୟନ ନିମନ୍ତେ ଜନପ୍ରତିନିଧିମାନଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ବ୍ଲକର ମୋଟ ୧ ଲକ୍ଷ ୬୦ହଜାର ଲୋକସଂଖ୍ୟା ଥିଲାବେଳେ ସେଥିମଧ୍ୟରୁ ୧,୨୫,୦୦୦ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ଯୋଗାଣ ନିରୀକ୍ଷକ ବାବୁଲାଲ ବାରିକ କହିଥିଲେ। ଏଥିରେ ଜିଲା ସଂଯୋଜିକା ପ୍ରାଚୀ ମିଶ୍ର, ଏପିଓ ମଳୟ କୁମାର ପାତ୍ର ଓ ବିଏସ୍‌ଓ ଦୀପିକା ଦାସ ପ୍ରମୁଖ ଉପସ୍ଥିତ କରିଥିଲେ। ଶେଷରେ ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ସଂଜ୍ଞାହୀନ ଅବସ୍ଥାରେ ମହିଳାଙ୍କୁ ବୁଦାମୂଳରୁ ଉଦ୍ଧାର

ମହାକାଳପଡା ,୩୧।୩ (ଡି.ଏନ.ଏ.)

ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ରାମନଗର ପଞ୍ଚାୟତ ପିତାପାଟ ଗାଁର ଜଣେ ମହିଳାଙ୍କୁ ଗାଁ ସଂଲଗ୍ନ ମହାନଦୀ ବନ୍ଧ ପାର୍ଶ୍ୱରୁ ଗୁରୁବାର ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଛି। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପିତାପାଟ ଗାଁର ଶୁଭ ଚକ୍ରବର୍ତ୍ତୀ ୬ ମାସ ପୂର୍ବେ ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳର ସୁନାଡିଆ ଗାଁର ସୁନି ଦାସଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା। କାରଣ ସୁନି ମନଇଚ୍ଛା ଘରୁ ବାହାରି ବାହାରେ ବୁଲାବୁଲି କରିବା ଦ୍ୱାରା ଦୈନିକ ଝଗଡ଼ା ହେଉଥିଲା। ପରେ ଶୁଭ ସ୍ତ୍ରୀ ସୁନିଙ୍କ ମା'ବାପା ଘରଙ୍କୁ ଜଣାଇବା ସହ ପଠେଇ ଦେଇଥିଲେ। ପୁଣି ଗୁରୁବାର ସୁନି ଶୁଭଙ୍କ ଘର ପିତାପାଟ ଗାଁରେ ପହଞ୍ଚି ଥିଲେ। ଉଭୟଙ୍କ ମଧ୍ୟରେ ନେଇ ବଚସା ହୋଇଥିଲା। ପରେ ସୁନି ଘରୁ ପଳାଇ ଥିଲେ ବୋଲି ଶୁଭ କହିଛନ୍ତି। ଅପରାହ୍ନରେ କିଆବୁଦା ମୂଳେ ଅଚେତ ଅବସ୍ଥାରେ ସୁନି ପଡ଼ିଥିଲେ। ତାଙ୍କ ପାଟିରୁ ଫେଣ ବାହାରୁଥିଲା। ସ୍ଥାନୀୟ ଲୋକ ତାଙ୍କୁ ଦେଖି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ସୁନିଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲା। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ପରେଶ କୁମାର ମହାନ୍ତି କହିଛନ୍ତି।

### ମହିଁଷାସୁର ପଞ୍ଚାୟତରୁ କମ୍ପ୍ୟୁଟର, କାଗଜପତ୍ର ଲୁଟି ନେଲେ ଦୁର୍ବୃତ୍ତ

ରାଜନଗର, ୩୧।୩(ଡି.ଏନ.ଏ.)

ରାଜନଗର ବ୍ଲକ ଅନ୍ତର୍ଗତ ମହିଁଷାସୁର ପଞ୍ଚାୟତ କାର୍ଯ୍ୟାଳୟରୁ ବୁଧବାର ରାତିରେ ଦୁର୍ବୃତ୍ତମାନେ କମ୍ପ୍ୟୁଟର ସହ କାଗଜପତ୍ର ଲୁଟି ନେଇଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ ରାଜନଗର ଥାନାରେ ଗୁରୁବାର ଏ ନେଇ ଅଭିଯୋଗ କରିଥିଲେ। ରାତିରେ ପଞ୍ଚାୟତ କାର୍ଯ୍ୟାଳୟ ତାଲା କଟାଯିବା ସହ ଆଲମିରା ଭଙ୍ଗା ଯାଇଥିବା ସକାଳେ ସ୍ଥାନୀୟ ଲୋକେ ଖବର ଦେଇଥିଲେ। ଅଧିକାରୀ ସାମଲ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଗ୍ରୀଲ ଓ କବାଟ ତାଲା କଟାଯାଇଥିବା ଦେଖିଥିଲି, ଆଲମିରା ଲକର ଭଙ୍ଗା ଯାଇଥିବା ବେଳେ କାଗଜପତ୍ର ତଳେ ପଡିଛି। ପଞ୍ଚାୟତରେ ଥିବା କମ୍ପ୍ୟୁଟର, ଜେରକ୍ସ ମେସିନ ଚୋରି ହୋଇଯାଇଛି। ଅଭିଯୋଗ ପରେ ସବ୍‌ଇନ୍ସପେକ୍ଟର ଅଜୟ କୁମାର ସାହୁ ପହଞ୍ଚି ତଦନ୍ତ କରିବା ସହ ପ୍ରଥମେ ଦେଖିଥିବା ଲୋକଙ୍କୁ ପଚରାଉଚରା କରିଛନ୍ତି। ଗ୍ରୀଲ ଓ କବାଟ ତାଲା କଟାଯାଇଛି। ହେଲେ ଆଲମିରା ତଡା ଯାଇନି କି ଭଙ୍ଗା ହୋଇ ନାହିଁ ବୋଲି ସେ ଦେଖି କହିଥିଲେ। ତଦନ୍ତ କରାଯାଇ ପ୍ରକୃତ ଦୁର୍ବୃତ୍ତ ନିକଟରେ ପୋଲିସ ପହଞ୍ଚିବ ବୋଲି ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ନିୟମିତ ପ୍ରାଥମିକ ଶିକ୍ଷକ ନିଯୁକ୍ତିପତ୍ର ପ୍ରଦାନ



ନିଯୁକ୍ତି ପତ୍ର ନେବାକୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକମାନେ।

ଆଳି, ୩୧।୩(ଡି.ଏନ.ଏ.)

ଆଳିବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଗୁରୁବାର ନିୟମିତ କରାଯାଇ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଆଳିର ପ୍ରାଥମିକ ଶିକ୍ଷକ ସଂଘ ଭବନରେ କନିଷ୍ଠ ପ୍ରାଥମିକ ସଂଘ ପକ୍ଷରୁ ଉତ୍ସବ ଆୟୋଜନ ହୋଇଥିଲା। ମୁଖ୍ୟଅତିଥି ଭାବେ ଆଳି ବ୍ଲକ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପରିଡା, ସମ୍ମାନିତ ଅତିଥି ବିଆରସିସି ପାବନୀ କୁମାର ରାଉତ, ସହକାରୀ ଶିକ୍ଷା ଅଧିକାରୀ ଉଦୟନାଥ ସାମଲ, ଶିକ୍ଷାବିତ୍ ବି.ଏମ. ସେନାପତି, ପ୍ରମୋଦ ମଲ୍ଲିକ, ଶିକ୍ଷକ ସମନ୍ୱୟ ସମିତିର ସମ୍ପାଦକ ଅନ୍ତର୍ଯ୍ୟାମୀ ମଲିକ, ବିଇଡି ସଂଘ ସଭାପତି ରମାକାନ୍ତ ମିଶ୍ର, ସିଆରସିସି ଅକ୍ଷୟ ଯେନା, ହଳଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ୪୩ ଜଣ ନିୟମିତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ୨୦୧୫ରେ ଏମାନଙ୍କୁ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକ ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ। ସରକାରୀ ନିୟମ ଅନୁସାରେ, ଏମାନଙ୍କୁ ୨୦୨୧ ଜାନୁୟାରୀରେ ନିୟମିତ ନିଯୁକ୍ତି ପତ୍ର ମିଳିବା କଥା କିନ୍ତୁ ମହାମାରୀ କରୋନା ଓ ଅନ୍ୟ କିଛି ପ୍ରଶାସନିକ ଅସୁବିଧା ପାଇଁ ବର୍ଷେ ୩ ମାସ ପରେ ନିୟମିତ ନିଯୁକ୍ତି ପତ୍ର ମିଳିଛି। ଅତିଥି ମାନେ ନୂତନ ନିୟମିତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଛୋଟ ଛୋଟ ପିଲାଙ୍କ ମୁହଁରେ ହସ ଫୁଟେଇ ମଣିଷ ପରି ମଣିଷ ଗଢିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ସମନ୍ୱୟ ସମିତିର ସଭାପତି ଧୂଳେଶ୍ୱର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ କନିଷ୍ଠ ଶିକ୍ଷକ ସଂଘ ସଭାପତି ରତିକାନ୍ତ ପାତ୍ର ଓ ଅମରେଶ ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିରୋଧ ସତ୍ୟ ପାଠରେ ଦସ୍ତଖତ ନ କରିବାରୁ ଆକ୍ରମଣ: ୩ ଗିରଫ

କୁଜଙ୍ଗ,୩୧।୩ (ଡି.ଏନ୍.ଏ.)

**ଏରସମାରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗ**

ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ଏରସମା ତହସିଲ ଢିଙ୍କିଆ ଗ୍ରାମରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗକୁ ନେଇ ବିରୋଧ ସତ୍ୟପାଠରେ ଦସ୍ତଖତ ନ କରିବାରୁ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସେ ହେଲେ ଏହି ଗ୍ରାମର ମଲ୍ଲିକ ସାହିର ରାଜେଶ ମଲ୍ଲିକ। ଏହି ଅଭିଯୋଗରେ ଗୁରୁବାର ଅଭୟଚାନ୍ଦପୁର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ରମେଶ ମଲ୍ଲିକ, ସଂଗ୍ରାମ ମଲ୍ଲିକ, ବିକ୍ରମ ମଲ୍ଲିକ।

ରାଜେଶଙ୍କ ଅଭିଯୋଗ ଅନୁଯାୟୀ, ପୋଲିସର କାର୍ଯ୍ୟାନୁଷ୍ଠାନ ଘଟଣାରେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶମତେ ୫ଜଣିଆ ଆଇନଜୀବୀ କମିଟି ମାର୍ଚ୍ଚ ୫ରେ ଦ୍ୱିତୀୟ ଥର ପାଇଁ ଜନମତ ସଂଗ୍ରହ କରିବାକୁ ଗ୍ରାମକୁ ଆସିଥିଲେ। ସେମାନେ ଏଠାରେ ସରଜମିନ ତଦନ୍ତ କରି ଫେରିଥିଲେ। ମାତ୍ର କେତେଜଣ ଗ୍ରାମବାସୀ ସେମାନଙ୍କର ମତାମତ ଦେଇପାରି ନ ଥିବା ଉଚ୍ଚ ନ୍ୟାୟାଳୟକୁ ଜଣାଇଥିଲେ। ଏନେଇ ଯେଉଁମାନେ ଚାହିଁବେ ସେମାନେ ତାଙ୍କ ଆଇନଜୀବୀଙ୍କ ଜରିଆରେ ସରକାରୀ ଆଇନଜୀବୀଙ୍କ ନିକଟରେ ସତ୍ୟପାଠ ଦାଖଲ କରିପାରିବେ ବୋଲି ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତମାନେ ଜିଲା ପ୍ରଶାସନ ଓ ଜେଏସ୍‌ଡବ୍ଲ୍ୟୁ ବିରୋଧରେ ଏକ ସତ୍ୟପାଠ ପ୍ରସ୍ତୁତ କରି ରାଜେଶଙ୍କୁ ସେଥିରେ ଦସ୍ତଖତ କରିବାକୁ ବାଧ କରିଥିଲେ। ମାତ୍ର ସେ ରାଜି ନ ହେବାରୁ ଅଭିଯୁକ୍ତମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିଥିଲେ। ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଫେରିବା ପରେ ରାଜେଶ ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୨୮/୨୨)ରୁଜୁ କରିଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଦୁର୍ଘଟଣାରେ ଶ୍ରମିକ ମୃତ: ରାସ୍ତାରୋକୋ

ପାରାଦୀପ, ୩୧।୩(ସ୍ୱ.ପ୍ର.)

ପାରାଦୀପ ବନ୍ଦର ୧ ନଂ ଗେଟ ପାଖରେ ଥିବା ଜେଏସ୍‌ଡବ୍ଲ୍ୟୁ ପୋର୍ଟ ଟର୍ମିନାଲ ଭିତରେ ଗୁରୁବାର ଦୁର୍ଘଟଣା ଘଟିଥିଲା। ଉକ୍ତ କମ୍ପାନୀରେ କାର୍ଯ୍ୟରତ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାଉଗାଁର ଦିଲୀପ ବିଶ୍ୱାଳ। ସେ ପ୍ରକଳ୍ପ ଭିତରେ ଟ୍ରାଫିକ ନିୟନ୍ତ୍ରଣ କାମରେ ଥିବା ବେଳେ ତାଙ୍କ ଉପରେ ଏକ ଟ୍ରକ୍ ପଛପଟୁ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ବିଶ୍ୱାଳଙ୍କ ମୃତ୍ୟୁ ଘଟିଛି। ଏହାର ପ୍ରତିବାଦରେ ସାଥି ଶ୍ରମିକମାନେ କ୍ଷତିପୂରଣ ଦାବି କରି ଟର୍ମିନାଲ ଭିତରେ ମୃତଦେହ ରଖି ଧାରଣା ଦେଇଥିଲେ। ଅପରାହ୍ନରେ କମ୍ପାନୀ ଓ ମୃତକଙ୍କ ମୁରବି ମଧ୍ୟରେ ଆଲୋଚନା ହୋଇଥିଲା। ମୃତକଙ୍କ ପରିବାରକୁ ୮.୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଓ ୬ ମାସ ମଧ୍ୟରେ ଜଣକୁ ଚାକିରି ଦିଆଯିବା ନେଇ ପ୍ରତିଶ୍ରୁତି ଦେବାପରେ ବିଶ୍ୱାଳଙ୍କ ମୃତଦେହ ଉଠିଥିଲା। ପରେ ସ୍ଥାନୀୟ ମେରାଇନ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ମାମଲା (ନଂ. ୮/୨୨) ରୁଜୁ ହୋଇଛି।



କ୍ଷତିପୂରଣ ଦାବିରେ ଶ୍ରମିକମାନେ ରାସ୍ତାରୋକୋ କରିଛନ୍ତି।

## ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ

ଡେରାବିଶ,୩୧।୩ (ସ୍ୱ.ପ୍ର.)

ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତରେ ଭତ୍ତା ଟଙ୍କା ଲାଗି ବାରମ୍ବାର ଦୌଡି ନ ପାଇବାରୁ ଶତାଧିକ ହିତାଧିକାରୀ ଗୁରୁବାର ସନ୍ଧ୍ୟାରେ କାର୍ଯ୍ୟନିର୍ବାହୀ ଅଧିକାରୀ ମାଧବ ଚନ୍ଦ୍ର ଦଳାଇଙ୍କୁ ଘେରାଉ କରିଥିଲେ। ଭତ୍ତା ଟଙ୍କା ନ ଦେବା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟ ଛାଡିପାରିବେ ନାହିଁ ବୋଲି ଅଡି ବସିଥିଲେ। ଅଧିକାରୀ ଦଳେଇ ପ୍ରଥମେ ଭତ୍ତା ବାବଦ ୭୦ ହଜାର ଟଙ୍କା ଚୋରି ହୋଇଥିବା ଓ ପରେ ତାଙ୍କ ପକେଟରେ ଥିବା ଟଙ୍କା ହଜି ଯାଇଥିବା ହିତାଧିକାରୀଙ୍କୁ ବୁଝାଇଥିଲେ। ହେଲେ ଏଭଳି କହି କାର୍ଯ୍ୟାଳୟରୁ ଖସି ପାରିବେ ନାହିଁ ବୋଲି ଉପସ୍ଥିତ ହିତାଧିକାରୀ କହି ବିଳମ୍ବିତ ରାତି ଯାଏ ଅଟକ ରଖିଥିଲେ। ସରପଞ୍ଚ ମାନସୀ ସାମଲ ଓ ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ହିତାଧିକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ନିଜ ଜମାଖାତାରୁ ୨୦ ହଜାର ଟଙ୍କା ଉଠାଇ ରାତି ୯ଟାରେ ହିତାଧିକାରୀଙ୍କୁ ଦେଇଥିଲେ। ଅବଶିଷ୍ଟ ୫୦ ହଜାର ଟଙ୍କା ଶୁକ୍ରବାର ଦେବାକୁ କହିଥିଲେ ମଧ୍ୟ ହିତାଧିକାରୀ ବିଶ୍ୱାସକୁ ନେଇ ନ ଥିଲେ। ଟଙ୍କା ନ ମିଳିବା ଯାଏ ସେ ପଞ୍ଚାୟତ କାର୍ଯ୍ୟାଳୟ ବାହାରକୁ ବାହାରି ପାରିବେ ନାହିଁ ବୋଲି ହିତାଧିକାରୀ ଜିଦ୍ ଧରିଥିଲେ। ସରପଞ୍ଚ ଓ ସମିତିସଭ୍ୟ ହିତାଧିକାରୀଙ୍କୁ ବୁଝାଶୁଝା ପରେ ବିଡିଓ ହସ୍ତକ୍ଷେପ କରିବାରୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହସ୍ତାନ୍ତର କରିଥିବା ସରପଞ୍ଚ ସାମଲ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଗୋପବନ୍ଧୁ ଭୋସାଗରଙ୍କୁ ପଚାରିବାରୁ ଉକ୍ତ ଅଧିକାରୀ ଏହି ଘଟଣା ବାବଦରେ ତାଙ୍କୁ କୌଣସି ସୂଚନା ଦେଇ ନ ଥିବା ବୋଲି ସେ କହିଛନ୍ତି। ତେବେ ସରପଞ୍ଚଙ୍କଠାରୁ ଅଭିଯୋଗ ପାଇବା ପରେ ଶୁକ୍ରବାର ଘଟଣାର ଅନୁଧ୍ୟାନ କରିବେ ବୋଲି ସେ କହିଛନ୍ତି।



ଭତ୍ତା ଟଙ୍କା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହିତାଧିକାରୀ ଘେରି ରହିଛନ୍ତି।

### ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ଶୀଘ୍ର ଶେଷ କର

ପାଟକୁରା ୩୧।୩ (ଡି.ଏନ.ଏ.)

ଗରଦପୁର ବ୍ଲକର ନୂତନ ଅଧକ୍ଷ ଅଭୟ କୁମାର ମହାରାଜ ଗୁରୁବାର ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବିଡିଓ ରଞ୍ଜିତ କୁମାର ମଲ୍ଲିକ ଓ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଦୀପ୍ତ କୁମାର ଚେନାରା ମଧ୍ୟ ଉପସ୍ଥିତ ଥିଲେ। ସରକାରଙ୍କ ଦ୍ୱାରା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବିଶେଷକରି ଗରିବ ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦେବା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ନିର୍ମାଣାଧୀନ ପ୍ରକଳ୍ପଗୁଡିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ସେ ବିଭାଗୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନହିତକର ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବାବେଳେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଶାସନ ସହଯୋଗର ହାତ ବଢାଇଲେ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାଗୁଡିକର ସଫଳ ରୂପାୟନ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପ୍ରକଳ୍ପ କାର୍ଯ୍ୟକାରୀ କରି ଅଧିକ ଶ୍ରମଦିବସ ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଯୋଗାଣ ନିରୀକ୍ଷକ ସ୍ୱରୂପ ଦାସ, ଖଗେଶ୍ୱର ସେଠୀ, ଆଲୋକ ପତି, କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ଶର୍ମା, ବିଶ୍ୱରଞ୍ଜନ ସିଂ, ଶୁଭଶ୍ରୀ ସ୍ୱାଇଁ, ଶ୍ୱେତପଦ୍ମା ମହାନ୍ତି, ଶଙ୍କର୍ଷଣ ପଣ୍ଡା, ଚୈତନ ବିଶ୍ୱାଳଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମରୋଜଗାର ସେବକ ବୈଠକରେ ଉପସ୍ଥିତ ଥିଲେ।

**ରାମବାଗ ଅବ୍ୟକ୍ତ ବ୍ରହ୍ମ ଆଶ୍ରମର ବାର୍ଷିକୋତ୍ସବ**

**ଯାଜପୁର ସଦର,(ଡି.ଏନ.ଏ.):** ଯାଜପୁର ରାମବାଗସ୍ଥିତ ଅବ୍ୟକ୍ତ ବ୍ରହ୍ମ ଆଶ୍ରମର ଅଷ୍ଟାଦଶତମ ବାର୍ଷିକୋତ୍ସବ ଏବଂ ପଞ୍ଚଦିବସୀୟ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଧିବାସ ଏବଂ ବୈତରଣୀ ନଦୀର ସିଦ୍ଧେଶ୍ୱର ଘାଟରୁ ୧୦୮ କଳସରେ ଭକ୍ତମାନେ ଜଳ ନେଇ ପଦଯାତ୍ରାରେ ଆଶ୍ରମସ୍ଥିତ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ପୂଜ୍ୟପୂଜା, ଗୋପୂଜା, ଗୁରୁପୂଜା, ମଣ୍ଡଳ ପୂଜା ଓ ପ୍ରଭୁଦର୍ଶନ ପରେ ହୋମ କରାଯାଇଥିଲା। ଗୟାଧର ବାବାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ପୁରୋହିତ ଲମ୍ବୋଦର ମିଶ୍ର, ଦେବାଶିଷ ପଣ୍ଡା, କାହ୍ନୁଚରଣ ମିଶ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି। ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ଏପ୍ରିଲ ୩ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ଗୟାଧର ବାବା ପ୍ରକାଶ କରିଛନ୍ତି।

# ସାହିତ୍ୟ ବିପ୍ଳବ ସୃଷ୍ଟିକରେ: ଆନ୍ଧ୍ର ରାଜ୍ୟପାଳ

## ଗୋକର୍ଣ୍ଣିକା ସାହିତ୍ୟ ସମାଜର ବିଷୁବ ଉତ୍ସବ

**ଧର୍ମଶାଳା,୩୧।୩(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଗୁରୁବାର ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ବିଷୁବ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ସାହିତ୍ୟ ବିପ୍ଳବ ସୃଷ୍ଟି କରିଥିବା ବହୁ ଉଦାହରଣ ରହିଛି। ଓଡ଼ିଶାର ପାଇକ ଆନ୍ଦୋଳନ ଭାରତ ସ୍ୱାଧୀନତା ପାଇଁ ବିପ୍ଳବ ସୃଷ୍ଟି କରିଥିଲା। କଳିଙ୍ଗ ବିଜୟ ସତ୍ୟ ନା କାହାଣୀ ଏନେଇ ପ୍ରଶ୍ନ ଉଠିଛି। ଏଥିସହିତ ସେ କଳିଙ୍ଗ ଅଭିଯାନର ଇତିହାସ ଉପରେ ସୂଚନା ଦେଇଥିଲେ। ହୀନମନ୍ୟତା ଯୋଗୁ ଓଡ଼ିଶା ଆଜି ବହୁ ପଛରେ ପଡ଼ିଯାଇଛି ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଉପଦେଷ୍ଟାମଣ୍ଡଳୀ ଆବାହକ ବିଜୟାନନ୍ଦ ସିଂ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଭାରତ ବର୍ଷର ଭୂଖଣ୍ଡରେ ଧର୍ମଶାଳାର ଐତିହ୍ୟ ଭରପୂର ରହିଛି। ୧୯୩୪ରୁ ଗ୍ରାମାଞ୍ଚଳରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପ୍ରତିଷ୍ଠା ହୋଇ ଆଜି ଯାଏ ନିରବଚ୍ଛିନ୍ନ ଭାବେ ସାହିତ୍ୟ ସୃଷ୍ଟି କରିବା ସହ ପ୍ରତିଭାବାନ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରିଆସୁଛି। ଏଥିପାଇଁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତିଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଏହି ଅବସରରେ ଗୋକର୍ଣ୍ଣିକାର ବିଷୁବ ସଂଖ୍ୟା ଲୋକାର୍ପିତ ହେବା ସହ ସାହିତ୍ୟିକ କୃଷ୍ଣଚନ୍ଦ୍ର ସାମଲଙ୍କ ଆତ୍ମଜୀବନୀ ପୁସ୍ତକ 'ମୋ ଲେଖାରେ ମୁଁ', ଗାଳ୍ପିକ ଶରତ ରାଉତରାୟଙ୍କ ଗଳ୍ପ ପୁସ୍ତକ 'ଅଶାନ୍ତ ଗ୍ରହ', ସ୍ତମ୍ଭକାର ଡ. ପୁରୁଷୋତ୍ତମ ବିଶ୍ୱାଳଙ୍କ 'ପ୍ରଜ୍ଞା ଓ ପ୍ରଜାପତି', ଡ. ଯତୀନ୍ଦ୍ର ରାଉତଙ୍କ 'ରଚି ଯାଇଥିବା ଛାଇ ହାଇୱା ଚଟଣା'ରେ ପୁସ୍ତକ ଲୋକାର୍ପିତ ହୋଇଥିଲା। ବିଷୁବ ଗୋକର୍ଣ୍ଣିକା ସମ୍ମାନରେ କବି ବିଷ୍ଣୁ ସେଠୀ, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ନାରାୟଣ ପଣ୍ଡାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ରାମ୍‌କୋ ଏଭିପି ଅଜିତ ପାଲ, ସ୍ୱେଚ୍ଛାସେବୀ ହିମାଂଶୁ ଶେଖର ସାହୁ, ଅନ୍ତର୍ଜାତୀୟ କୃତୀଛାତ୍ର ତଏସ ପଢ଼ିଆରୀଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିଲେ। ଅଧ୍ୟାପକ ଡ. ତୁହିନାଂଶୁ ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ହୃଷୀକେଶ ସାମଲ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଗୀତାଶ୍ରୀ ପ୍ରିୟମ୍ବଦା ସଞ୍ଚାଳନ କରିଥିଲେ। ସହସମ୍ପାଦକ ଦେବବ୍ରତ ରାଉତ ଧନ୍ୟବାଦ ଦେଇଥିଲେ। ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ କବି ପ୍ରଭାକର ଶତପଥୀ ଯୋଗ ଦେଇଥିଲେ। ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।



ରାଜ୍ୟପାଳଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଗଣ।

# ବିନା ତଦନ୍ତରେ ଯୁବକ ଗିରଫ ଅଭିଯୋଗ

## ଟ୍ରାକ୍ଟର ଚଢ଼ାଇ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ ଘଟଣା

**ଦଶରଥପୁର,୩୧।୩(ଡି.ଏନ.ଏ.)**

ଦଶରଥପୁର ତହସିଲ ଅଧୀନ ବୈତରଣୀ ନଦୀର ପଲ୍ଲାସାହି ବାଲିଘାଟରୁ ବେଆଇନ ବାଲି ଉଠାଣ ହେଉଥିବା ଖବର ପାଇ ମଙ୍ଗଳବାର ତହସିଲଦାର ଅବିନାଶ ବିଶ୍ୱଜିତ୍ ସେଠୀ ଚଢ଼ାଉ କରିଥିଲେ। ଏହି ସମୟରେ ଏକ ଟ୍ରାକ୍ଟର ନିକଟରେ ଛିଡ଼ା ହୋଇଥିବା ମଙ୍ଗଳପୁର ଥାନା ମଲ୍ଲିକାପୁର ପଞ୍ଚାୟତ ମଲ୍ଲିକାପୁର ଗ୍ରାମର ରାଜେଶ ସାହୁ (ପପି)ଙ୍କୁ ତହସିଲଦାର କାବୁକରି ପୋଲିସ ଜିମା ଦେଇଥିଲେ। ପୋଲିସ ଘଟଣା ସମ୍ପର୍କରେ ତଦନ୍ତ ନ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ସେ ନିର୍ଦ୍ଦୋଷ ବୋଲି ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ତେଣୁ ପପିଙ୍କ ସ୍ତ୍ରୀ ଶୁକ୍ରବାର ଏସ୍‌ପିଙ୍କୁ ଭେଟି ଏକଥା ଜଣାଇବେ ବୋଲି ଗୁରୁବାର ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

ଚଢ଼ାଉ ସମୟରେ ପପିଙ୍କୁ ଟ୍ରାକ୍ଟର ଚାଳକ ଭାବି ତହସିଲଦାର ପାଟି କରିଥିଲେ। ପପି ଟ୍ରାକ୍ଟର ଚାଳକ ନୁହନ୍ତି ବୋଲି କହିଥିଲେ। ହେଲେ ତହସିଲଦାର କିଛି ନ ଶୁଣି ତାଙ୍କୁ ଧମକଚମକ ଦେଇଥିଲେ। ଏହାପରେ ତହସିଲଦାର ପପିଙ୍କ ନାମରେ ମଙ୍ଗଳପୁର ଥାନାରେ ହତ୍ୟା ଧମକ ଦେଇଥିବା ଅଭିଯୋଗ କରିଥିଲେ। ମାତ୍ର ତହସିଲଦାର ଦେଇଥିବା ଏତଲାରେ ଟ୍ରାକ୍ଟର ନମ୍ବର ଉଲ୍ଲେଖ କରିନାହାନ୍ତି। ପୋଲିସ ଜବତ କରିଥିବା ଟ୍ରାକ୍ଟରଟି ସଞ୍ଜିତ ସାହୁଙ୍କ ନାମରେ ରହିଛି। ଉକ୍ତ ଗାଡ଼ି ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ପପିଙ୍କ ସ୍ତ୍ରୀ କହିଛନ୍ତି। ତହସିଲଦାର ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ପପି ଟ୍ରାକ୍ଟର ଚଳାଇଆସି ତାଙ୍କ ବୋଲେରୋକୁ ଧକ୍କା ଦେଇଥିଲେ।

ଏନେଇ ତହସିଲଦାର କହିଛନ୍ତି, ମୋ ଗାଡ଼ି ସମ୍ମୁଖକୁ ଏକ ଟ୍ରାକ୍ଟର ମାଡ଼ି ଆସିଥିଲା। ତେଣୁ ସେ ମୋତେ ମାରିଦେବାକୁ ଉଦ୍ୟମ କରିଥିବା ଅନୁଭବ କରି ମୁଁ ଏପରି ଏତଲା ଦେଇଛି। ଥାନା ଅଧିକାରୀ ଏନ୍ନାମାମୁଲ ହକ୍ କହିଛନ୍ତି, ତଏତଲା ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିଛୁ। ତଦନ୍ତ ପରେ ଯାହାକିଛି ପଦକ୍ଷେପ ନିଆଯିବ।


**ଏସ୍.ଇ. ରେଳପଥ ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ଟିଆର୍‌ଡି-କେଜିପି-ଡବ୍ଲ୍ୟୁ-୨୦୨୧-୨୨-୨୧, ତାରିଖ: ୩୦।୦୩।୨୦୨୨। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆର୍‌ଡି/ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶିତ ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ସେଗୁଡ଼ିକୁ ୧୫.୩୦ ଘଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ବିଏଲ୍‌ଏସ୍-ଏନ୍‌ଡିଏସ୍‌ବି ଲାଇନ୍ ନିମନ୍ତେ ପାସେଞ୍ଜର ଫିଟ୍‌ନେସ୍ ପାଇଁ ବାଲେଶ୍ୱରରୁ ନୀଳଗିରି ସାଇଡିଂ ପର୍ଯ୍ୟନ୍ତ ଟ୍ରାମ୍ ୱେ ଟାଇପ୍ ଓଏଚ୍‌ଇରୁ ପାରମ୍ପରିକ ଓଏଚ୍‌ଇକୁ ପରିବର୍ତ୍ତନ ଏବଂ ବିଏଲ୍‌ଏସ୍-ଏନ୍‌ଡିଏସ୍‌ବି ଲାଇନ ନିମନ୍ତେ ପାସେଞ୍ଜର ଫିଟ୍‌ନେଟ୍ ପାଇଁ ୦୪ ଗୋଟି ଅକ୍ଜିଲାରୀ ଟ୍ରାନ୍ସଫର୍ମରର ବ୍ୟବସ୍ଥା। **ଟେଣ୍ଡର ମୂଲ୍ୟ:** ₹୨,୬୭,୮୦,୩୦୨.୨୬। **ଇଏମ୍‌ଡି:** ₹୨,୮୩,୯୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ। **ସମାପ୍ତି ଅବଧି:** ୧୨ (ବାର) ମାସ। **ଦାଖଲ ତାରିଖ:** ତା୨୧।୦୪।୨୦୨୨ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। **ଖୋଲାଯିବା ତାରିଖ:** ତା।୨୧।୦୪।୨୦୨୨ରିଖ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଲାଗି ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-714)


# ଟିକରପଡ଼ା ଜଙ୍ଗଲ ଜଳୁଛି

**କାଳିଆପାଣି,୩୧।୩(ଡି.ଏନ.ଏ.)**

ଦୈତାରୀ ସଂରକ୍ଷିତ ଟମକା ରେଞ୍ଜ କଂସ ଫରେଷ୍ଟ ଅଧୀନ ଟିକରପଡା ଜଙ୍ଗଲରେ ନିଆଁ ଲାଗିଛି। ଏଥିଯୋଗୁ ଲକ୍ଷାଧିକ ଗଛ ପୋଡ଼ି ପାଉଁଶ ହୋଇଯାଇଛି। ଗୁରୁବାର ସକାଳୁ ନିଆଁ ଚାରିଆଡ଼େ ବ୍ୟାପି ଯାଇଥିଲା। ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହେବାରୁ ବନ ବିଭାଗକୁ ଖବର ଦେଇଥିଲେ। ତେବେ ନିଆଁ ଲାଗିଥିବା ସ୍ଥାନରୁ ୫୦୦ ମିଟର ଦୂରରେ ଫରେଷ୍ଟରଙ୍କ କାର୍ଯ୍ୟାଳୟ ଥିଲେ ମଧ୍ୟ ନିଆଁ ଲିଭାଇବାକୁ ବନ କର୍ମଚାରୀ ଆସି ନ ଥିଲେ। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ଫରେଷ୍ଟର ଗଣେଶ୍ୱର ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ଟାଟା ଷ୍ଟିଲ୍‌ରେ ରକ୍ତଦାନ ଶିବିର

**କଳିଙ୍ଗନଗର,୩୧।୩(ଡି.ଏନ.ଏ.):** କଳିଙ୍ଗନଗର ଟାଟା କାରଖାନା ପରିସରରେ ଥିବା ଅକୁପେସନାଲ୍ ହେଲ୍‌ଥ ସେଣ୍ଟରଠାରେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଯାଜପୁର ରୋଡ୍ ସରକାରୀ ବ୍ଲଡ୍ ବ୍ୟାଙ୍କ ସହଯୋଗରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଆଇରନ୍ ମେକିଂ ଆଣ୍ଡ୍ ଲଜିଷ୍ଟିକ୍ସର ଏମ୍ପ୍ଲଇ ରିଲେସନ୍ସ ଫୋରମ୍ (କର୍ମଚାରୀ ସମ୍ପର୍କ ମଞ୍ଚ) ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଚିଫ୍ ଲଜିଷ୍ଟିକ୍ସ ଅପରେସନ୍ସ, ଟିଏସ୍‌କେ ତଥା ଆଇରନ୍ ମେକିଂ ଆଣ୍ଡ୍ ଲଜିଷ୍ଟିକ୍ସ ଏମ୍ପ୍ଲଇ ରିଲେସନ୍ସ ଫୋରମ୍‌ର ଅଧ୍ୟକ୍ଷ ସିଏଲ୍ କର୍ଣ୍ଣ ଏହି ରକ୍ତଦାନ ଅଭିଯାନର ଉଦ୍‌ଘାଟନ କରିଥିଲେ।

# ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

## ଯାଜପୁର ନଗର କଂଗ୍ରେସର ସମୀକ୍ଷା ବୈଠକ

**ଯାଜପୁର ସଦର, ୩୧।୩(ଡି.ଏନ.ଏ.)**

ଯାଜପୁର ନଗର କଂଗ୍ରେସ ପକ୍ଷରୁ ସଦ୍ୟ ସମାପ୍ତ ପୌରପାଳିକା ନିର୍ବାଚନ ପରିପ୍ରେକ୍ଷୀରେ ଏକ ସମୀକ୍ଷା ବୈଠକ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ନଗର କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧୮ ୱାର୍ଡର କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଦଳ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବା ପୌରାଧ୍ୟକ୍ଷା ପ୍ରାର୍ଥିନୀ ପ୍ରିୟଦର୍ଶିନୀ ସାମନ୍ତ ଏବଂ ସମସ୍ତ କାଉନସିଲର ପ୍ରାର୍ଥିନୀ/ପ୍ରାର୍ଥୀ ଯୋଗଦେଇ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ପ୍ରତ୍ୟେକ ୱାର୍ଡରେ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ବୈଠକରେ ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, ରାଜୀବ ମହାପାତ୍ର, ବିଭୂତିଭୂଷଣ ମହାପାତ୍ର, ଅବଦୁଲ ସଲିମ, ଦୁର୍ଯ୍ୟୋଧନ ବେହେରା, ଦିଲୀପ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ସଂଗ୍ରାମ ଜେନା, ଆଲୋକ ବେହେରା, ଭରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷୀକେଶ ପତି ଧନ୍ୟବାଦ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା କଂଗ୍ରେସ କର୍ମକର୍ତ୍ତା।

## ଓଚିନ୍ଦା ପ୍ରିମିୟର ଲିଗ୍: କିଙ୍ଗ୍ ଇଲେଭେନ ଚାମ୍ପିୟନ

**ପାଣିକୋଇଲି, ୩୧।୩ (ଡି.ଏନ.ଏ.)**

ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମର ଗୋପୀନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଓଚିନ୍ଦା ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ମ୍ୟାଚ୍ କିଙ୍ଗ୍ ଇଲେଭେନ୍ ବନାମ କିଙ୍ଗ ଫାୟାର ମଧ୍ୟରେ ହୋଇଥିବା ବେଳେ କିଙ୍ଗ୍ ଇଲେଭେନ ବିଜୟ ଲାଭ କରିଥିଲା। କିଙ୍ଗ୍ ଇଲେଭେନ ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୩ ଉଇକେଟ ହରାଇ ୪୯ ରନ ସଂଗ୍ରହ କରିଥିଲା। ଜବାବରେ କିଙ୍ଗ୍ ଫାୟାର ୬ ଓଭରରେ ୭ ଉଇକେଟ ହରାଇ ୪୫ ରନ କରି ପରାଜିତ ହୋଇଥିଲା। ମ୍ୟାଚ୍‌କୁ ଅକ୍ଷୟ ସାମଲ, ରୁଦ୍ର ବେହେରା, କୁନୁରୁ ସେନାପତି ଓ ବାଇଧର କବି ପରିଚାଳନା କରିଥିଲେ। ପରମେଶ୍ୱର ନାୟକ, ଅକ୍ଷୟ ସାମଲ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ଓପିଏଲ୍ ସଭାପତି ସତୀଶ ଧଳ, ସମ୍ପାଦକ ଶ୍ରୀପତି ପୁରୀ, ଆଲୋକ ବେହେରା, ଶିବ ପ୍ରସାଦ ଗିରି, ମଦନମୋହନ ଜେନା ଓ ଅଭୟ ମଲିକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବାଇକ୍ ଚାଳକ ଗୁରୁତର

**ପାଣିକୋଇଲି, ୩୧।୩ (ଡି.ଏନ.ଏ.)**

୧୬ ନଂ. ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ହାତସାହି ଛକ ନିକଟସ୍ଥ ମହିନ୍ଦ୍ରା ଶୋରୁମ ସମ୍ମୁଖରେ ଗୁରୁବାର ପୋଲିସ ପାଟ୍ରୋଲିଂ ଗାଡ଼ିକୁ ଏକ ବାଇକ୍ ଧକ୍କା ଦେଇଛି। ଫଳରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ବାଇକ୍ ଚାଳକ ହେଲେ ଗୋଲେଇପୁର ପଞ୍ଚାୟତ ଶଗଡି କେଳାଗଡ଼ିଆ ଗ୍ରାମର କିଶୋର ମଳିକ(୩୯)। ତେବେ ସେ ମଦ୍ୟପାନ କରି ବାଇକ ଚଳାଉଥିବାରୁ ତାଙ୍କୁ ପୋଲିସ ଚିକିତ୍ସା କରିବା ପରେ ଅଟକ ରଖିଛି।


JDCA
JD Centre of Art

**Notice Inviting Tender of uPVC/Aluminium works, JD Centre of Art, Bhubaneshwar (Extension)**

Applications are invited for the uPVC/Aluminium window & aperture works of JD Centre of Art with built up area about 20,000 sq.ft. at A5 Jagmara, near Khandagiri Chakka, NH5, Khandagiri, Bhubaneswar.

| Estimated Cost of Works (uPVC/ Alu.): Rs. 13,00,000/- | Earnest Money Deposit 2% quoted: Rs. 26,000/- | Cost of Tender Document, to be paid online: Rs. 1,500/- |
|---|---|---|
| Date of Publication | Late Date of Submission | Date of Tender Opening |
| 15.03.2022 | 1100 hrs, 06.04.2022 | 1830 hrs, 06.04.2022 |
| Execution Timeline | | 60 days |

For queries & tender document: spaces@jdcentreofart.org
A20 VIP Colony, Nayapalli, Bhubaneswar 751015
T: 0674 2554195, 2555077 M: 9310322133 www.jdcentreofart.org



**ଓଡ଼ିଶା ଲଳିତ କଳା ଏକାଡେମୀ**
(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ)
ସଂସ୍କୃତି ଭବନ, ଭୁବନେଶ୍ୱର – ୭୫୧୦୧୪
ଦୂରଭାଷ ନଂ. ୦୬୭୪-୨୪୩୧୬୧୨, ୨୪୩୧୬୧୧

**୪୦ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ଓ ପୁରସ୍କାର**

ଆସନ୍ତା ୨୦୨୨-୨୩ ମସିହା ପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ରାଜ୍ୟସ୍ତରୀୟ ଚିତ୍ରକଳା/ମୁଦ୍ରଣକଳା/ଭାସ୍କର୍ଯ୍ୟ/ପାରମ୍ପରିକ ଚିତ୍ରର ପ୍ରଦର୍ଶନୀ ଆୟୋଜନ କରାଯିବ। ଉକ୍ତ ବିଭାଗଗୁଡ଼ିକରେ ଶ୍ରେଷ୍ଠ କୃତି ପାଇଁ ସର୍ବମୋଟ ୮ଗୋଟି ପୁରସ୍କାର କୃତୀ ଶିଳ୍ପୀମାନଙ୍କୁ ପ୍ରଦାନ କରାଯିବ। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୨ଲକ୍ଷ ଟଙ୍କା, ମାନପତ୍ର ଓ ଟ୍ରଫି ସହିତ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନିତ କରାଯିବ। ଆଗ୍ରହୀ ଶିଳ୍ପୀମାନେ ନିୟମାବଳୀ ଓ ଫର୍ମ ଏକାଡେମୀ Website: **www.odishalalitkalaakademi.org**ରୁ ଡାଉନ୍‌ଲୋଡ କରି ପାରିବେ। ଇଚ୍ଛୁକ ଶିଳ୍ପୀମାନେ ଏକାଡେମୀ ନିୟମାବଳୀ ଅନୁପାଳନ ସହ ନିର୍ଦ୍ଧାରିତ ଫର୍ମରେ ନିଜର ଦୁଇଟି ରଙ୍ଗିନ ପାସ୍‌ପୋର୍ଟ ଫଟୋ, ନିଜର କଳା କୃତିର ସର୍ବାଧିକ ୨ଗୋଟି ୭'' x ୫'' ଆକାରର ରଙ୍ଗିନ ଫଟୋ ଓ ପ୍ରବେଶିକା ଦେୟ ୨୦୦ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ ଓଡ଼ିଶା ଲଳିତ କଳା ଏକାଡେମୀ କାର୍ଯ୍ୟାଳୟକୁ ତା୨୦।୦୪।୨୦୨୨ରିଖରୁ ତା୩୦।୦୪।୨୦୨୨ରିଖ ମଧ୍ୟରେ ପ୍ରେରଣ କରିପାରିବେ।

ପଞ୍ଚାନନ ସାମଲ
ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ



**ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ**
ପ୍ରକଳ୍ପ କାର୍ଯ୍ୟାନ୍ୱୟନ ୟୁନିଟ, ସମ୍ବଲପୁର, ସରଳାକଣି ଚୌକ, ସେଂଟ ଜନସ ସ୍କୁଲ ସମ୍ମୁଖ, ଏନଏଚ୬, ସାକ୍ଷୀପଦା ରୋଡ୍, ସମ୍ବଲପୁର, ଓଡ଼ିଶା- ୭୬୮୦୦୬

**ଭ୍ରମ ସଂଶୋଧନ**

ଏହି କାର୍ଯ୍ୟାଳୟର ବିଜ୍ଞପ୍ତି ନଂ ୧୧୨୦/ଏନଏଚଏଆଇ/ପିଆଇୟୁ/ଏସବିପି/ଏନଏଚ ୫୭ (୦ରୁ ୪୫.୭୫୦) /ଟୋଲ/୩୨୦/୨୦୨୨ ଏବଂ ନଂ ୧୧୦୪୦/ଏନଏଚଏଆଇ/ପିଆଇୟୁ/ଏସବିପି/ଏନଏଚ ୫୭ (୧୪୦.୯୦୦ରୁ ୨୨୪.୯୦୦) /ଟୋଲ/୩୨୧/୨୦୨୨ ଉଭୟର ତାରିଖ ୨୮.୦୩.୨୦୨୨ରେ ବଲାଙ୍ଗିର ଟାଉନ ନିକଟ ସିଏଚ୧୫.୨୫୦ରେ ଫି ପ୍ଲାଜା ପାଇଁ ୟୁଜର ଫି ନିର୍ଦ୍ଧାରଣ ଓ ରଙ୍ଗମାଟିଆ ଗ୍ରାମ ନିକଟ ସିଏଚ୧୯୦.୦୫୦ରେ ଫି ପ୍ଲାଜା ପାଇଁ ୟୁଜର ଫି ନିର୍ଦ୍ଧାରଣ ନିମନ୍ତେ ତା ୩୦.୦୩.୨୦୨୨ରେ ଉଭୟ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଉଭୟ ପ୍ଲାଜା ପାଇଁ ୟୁଜର ଫି ଆଦାୟ ସମୟ ଓ ତାରିଖକୁ ତା ୦୧.୦୪.୨୦୨୨ର୦୮.୦୦ଘ. ପରିବର୍ତ୍ତେ ତା ୦୧.୦୪.୨୦୨୨ର୦୦.୦୦ଘ. ପଢିବାକୁ ଅନୁରୋଧ। ଅନ୍ୟ ସମସ୍ତ ଫି ରୂପରେଖ ଅପରିବର୍ତ୍ତିତ ରହିବ। ଫୋନ ନଂ.(୦୬୬୩) ୨୫୪୮୯୬୬. ଇମେଲ : piusambalpur@nhai.org, nhaisambalpur@gmail.com

ସ୍ୱା/-ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ୍ୟ



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS2022033, ତା.25.03.2022ରିଖ

**କାର୍ଯ୍ୟର ନାମ :** ତାଳଚେର ଏବଂ ଗଞ୍ଜାମ ସ୍ଥିତ ଗୋପାଳପୁର ମଧ୍ୟରେ ନୂଆ B.G. ଲାଇନ୍ ନିମନ୍ତେ ଅନ୍ତିମ ସ୍ଥାନ ସର୍ବେକ୍ଷଣ (FLS) କାର୍ଯ୍ୟ ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 501.53 ଲକ୍ଷ, EMD (ଟଙ୍କାରେ): 4,00,800/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.19.04.2022ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା / ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଘଟର୍ଡ଼ି ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପ୍ତର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-156/CE/21-22



ସଂସ୍କୃତି ମନ୍ତ୍ରଣାଳୟ
ଭାରତ ସରକାର

**ସାଂସ୍କୃତିକ ସମ୍ପଦ ଏବଂ ପ୍ରଶିକ୍ଷଣ କେନ୍ଦ୍ର**
(ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ)

**ସାଂସ୍କୃତିକ ପ୍ରତିଭା ସନ୍ଧାନ ଛାତ୍ରବୃତ୍ତି ଯୋଜନା - ୨୦୨୧-୨୨ ଏବଂ ୨୦୨୨-୨୩**

ସିସିଆର୍‌ଟି ଦ୍ୱାରା **ସ୍ୱୀକୃତିପ୍ରାପ୍ତ ସ୍କୁଲ କିମ୍ବା ପାରମ୍ପରିକ ପ୍ରଦର୍ଶନ କଳାରେ ଅଭ୍ୟାସରତ ପରିବାରର ୧୦ରୁ ୧୪ ବର୍ଷ ବୟସ (କଟ୍-ଅଫ୍ ଯୋଗ୍ୟତା ତାରିଖ ଅନୁସାରେ)** ବର୍ଗର ଚୟନ କରାଯାଇଥିବା ଅତି ପ୍ରତିଭାଶାଳୀ ଶିଶୁଙ୍କୁ ସଙ୍ଗୀତ, ନୃତ୍ୟ, ନାଟକ, ଚିତ୍ରକଳା, ଶିଳ୍ପକଳା, ହସ୍ତକଳା ଏବଂ ସାହିତ୍ୟିକ କଳା ଭଳି ବିଭିନ୍ନ ସାଂସ୍କୃତିକ କ୍ଷେତ୍ର, ବିଶେଷକରି ବିଲୁପ୍ତପ୍ରାୟ ସ୍ଥିତିରେ ଥିବା ଦୁର୍ଲଭ କଳା ଉପରେ ବିଶେଷ ଗୁରୁତ୍ୱ ସହିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ହାସଲ କରିବା ପାଇଁ ସାଂସ୍କୃତିକ ପ୍ରତିଭା ସନ୍ଧାନ ଛାତ୍ରବୃତ୍ତି ଯୋଜନାର କାର୍ଯ୍ୟାନ୍ୱୟନ କରାଯାଉଛି। ଏହି ଯୋଜନା ଅଧୀନରେ ଦିଆଯାଉଥିବା ଛାତ୍ରବୃତ୍ତି ଏକାଥରକେ ଦୁଇବର୍ଷ ପାଇଁ ପ୍ରଦାନ କରାଯାଇଥାଏ, ଯାହାକୁ ଶିକ୍ଷାର ପ୍ରଥମ ବିଶ୍ୱବିଦ୍ୟାଳୟ ଡିଗ୍ରୀ ସ୍ତର ସମ୍ପୂର୍ଣ୍ଣ ହେବା କିମ୍ବା ୨୦ ବର୍ଷ, ଯାହା ପୂର୍ବରୁ ହେଉଥିବ, ପର୍ଯ୍ୟନ୍ତ ପ୍ରତି ଦୁଇବର୍ଷରେ ନବୀକରଣ କରାଯାଇପାରିବ।
ନିମ୍ନ ବିବରଣୀ ଅନୁଯାୟୀ ପ୍ରତିବର୍ଷ ୬୫୦ ଗୋଟି ଛାତ୍ରବୃତ୍ତି ପ୍ରଦାନ କରାଯିବ:

| | |
|---|---|
| ସାଧାରଣ ବର୍ଗ ଏବଂ ଅନ୍ୟାନ୍ୟ ବର୍ଗ ପାଇଁ ୩୭୫ଟି ଛାତ୍ରବୃତ୍ତି | ପାରମ୍ପରିକ କଳାକାର ପରିବାର ପାଇଁ ୧୨୫ଟି ଛାତ୍ରବୃତ୍ତି |
| ଜନଜାତୀୟ ସଂସ୍କୃତି/ଅନୁସୂଚିତ ଜନଜାତି ବର୍ଗ ପାଇଁ ୧୦୦ଟି ଛାତ୍ରବୃତ୍ତି | ଭିନ୍ନକ୍ଷମ (ଦିବ୍ୟାଙ୍ଗ)ଙ୍କ ପାଇଁ ୨୦ଟି ଛାତ୍ରବୃତ୍ତି |
| ସୃଜନାତ୍ମକ ଲିଖନ/ସାହିତ୍ୟିକ କଳା ପାଇଁ ୩୦ଟି ଛାତ୍ରବୃତ୍ତି | |

ଛାତ୍ରବୃତ୍ତିର ପରିମାଣ ହେଉଛି ବାର୍ଷିକ ଟ.୩୬୦୦/– (ତିନି ହଜାର ଛଅଶହ ଟଙ୍କା) ଏବଂ ବିଶେଷ ପ୍ରଶିକ୍ଷଣ ଲାଗି ପୈଠ କରାଯାଇଥିବା ବାସ୍ତବ ଟ୍ୟୁସନ୍ ଦେୟ ମଧ୍ୟ ବାର୍ଷିକ ଟ.୯୦୦୦/– (ନଅ ହଜାର ଟଙ୍କା) ପର୍ଯ୍ୟନ୍ତ ଭରଣା କରାଯିବ। **ତା୦୧।୦୭।୨୦୦୭ ଓ ୩୦।୦୬।୨୦୧୧** (ଉଭୟ ଦିବସ ଅନ୍ତର୍ଭୁକ୍ତ) ମଧ୍ୟରେ ଜନ୍ମଗ୍ରହଣ କରିଥିବା ଶିଶୁମାନେ ବର୍ଷ ୨୦୨୧–୨୨ ନିମନ୍ତେ ଯୋଗ୍ୟ ହେବେ ଏବଂ **ତା୦୧।୦୭।୨୦୦୮ ଓ ତା୩୦।୦୬।୨୦୧୨ରିଖ** (ଉଭୟ ଦିବସ ଅନ୍ତର୍ଭୁକ୍ତ) ମଧ୍ୟରେ ଜନ୍ମଗ୍ରହଣ କରିଥିବା ଶିଶୁମାନେ ବର୍ଷ ୨୦୨୨–୨୩ ନିମନ୍ତେ ଯୋଗ୍ୟ ହେବେ। ଦରଖାସ୍ତ ଏବଂ ଅନ୍ୟାନ୍ୟ ବିବରଣୀ ସିସିଆର୍‌ଟି ୱେବ୍‌ସାଇଟ୍ – **www.ccrtindia.gov.in**ରୁ ଡାଉନ୍‌ଲୋଡ୍ କରାଯାଇପାରିବ କିମ୍ବା ନିମ୍ନଲିଖିତ ଯେକୌଣସି ଠିକଣାରୁ ବ୍ୟକ୍ତିଗତ ଭାବେ/ଡାକରେ ବିନା ଦେୟରେ ସଂଗ୍ରହ କରାଯାଇପାରିବ।

| | |
|---|---|
| ସାଂସ୍କୃତିକ ସମ୍ପଦ ଏବଂ ପ୍ରଶିକ୍ଷଣ କେନ୍ଦ୍ର, ୧୫ ଏ, ସେକ୍ଟର-୭, ଦ୍ୱାରକା, ନୂଆଦିଲ୍ଲୀ - ୧୧୦୦୭୫ ଫୋନ୍ ନଂ.: ୦୧୧-୨୫୩୦୯୩୦୦ ଇ-ମେଲ୍: ddsch.ccrt@nic.in ୱେବ୍‌ସାଇଟ୍: www.ccrtindia.gov.in | ସିସିଆର୍‌ଟି ଆଞ୍ଚଳିକ କେନ୍ଦ୍ର, ସିଆଇଆଇ ସମ୍ମୁଖ, ନୂଆ ଗୁଗଲ୍ ଅଫିସ୍, ମାଧପୁରରୁ କୋଣ୍ଡାପୁର ମେନ୍ ରୋଡ୍, ମାଧପୁର, ହାଇଦ୍ରାବାଦ-୫୦୦୦୮୪, ତେଲେଙ୍ଗାନା ଫୋନ୍ ନଂ.୦୪୦-୨୩୧୧୭୦୫୦ ଟେଲିଫାକ୍ସ: ୦୪୦-୨୩୧୧୧୯୧୮, ଇମେଲ୍: rchyd.ccrt@nic.in |
| ସିସିଆର୍‌ଟି ଆଞ୍ଚଳିକ କେନ୍ଦ୍ର, ୩ ବି, ଆମ୍ବାଭଗଡ଼, ସ୍ୱରୂପ ସାଗର ନିକଟ, ଉଦୟପୁର - ୩୧୩୦୦୧, ରାଜସ୍ଥାନ, ଫୋନ୍ ନଂ: ୦୨୯୪-୩୨୯୧୫୭୭; ୨୪୩୦୭୬୪, ଟେଲିଫାକ୍ସ: ୦୨୯୪-୨୪୩୦୭୭୧, ଇମେଲ୍: rcud.ccrt@nic.in | ସିସିଆର୍‌ଟି ଆଞ୍ଚଳିକ କେନ୍ଦ୍ର, ୫୮, ଜୁରି ପାର, ପଞ୍ଜାବାରି ରୋଡ୍, ଗୁଆହାଟୀ - ୭୮୧୦୩୭, ଆସାମ ଫୋନ୍ ନଂ.୦୩୬୧-୨୩୩୦୧୫୨ ଟେଲିଫାକ୍ସ: ୦୩୬୧-୨୩୩୫୩୧୬ ଇମେଲ୍: rcgwt.ccrt@nic.in |
| ସିସିଆର୍‌ଟି ଆଞ୍ଚଳିକ କେନ୍ଦ୍ର, ପୁରୁଣା କଲେକ୍ଟୋରେଟ୍ ବିଲ୍‌ଡିଂ, ଦାମୋହ, ମଧ୍ୟପ୍ରଦେଶ - ୪୭୦୬୬୧ ଫୋନ୍ ନଂ. ୦୭୮୧୨-୨୯୯୧୮୭ ଇମେଲ୍: rcdamoh-ccrt@gov.in | |

**ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଫର୍ମ ସହିତ ତତ୍‌ସମ୍ବନ୍ଧୀୟ ଦସ୍ତାବିଜ ସିସିଆର୍‌ଟି, ନୂଆଦିଲ୍ଲୀ-୧୧୦୦୭୫ ଠିକଣାରେ ଶନିବାର, ୩୦ ଏପ୍ରିଲ, ୨୦୨୨ କିମ୍ବା ତାହା ପୂର୍ବ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ଡାକ ବିଳମ୍ବ ପାଇଁ ସିସିଆର୍‌ଟି ଦାୟୀ ରହିବ ନାହିଁ ଏବଂ ଶେଷ ତାରିଖ ପରେ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।**

davp 09127/12/0024/2122





ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧ ଏପ୍ରିଲ, ୨୦୨୨



## ସଂକ୍ଷେପରେ

### ସହଯୋଗ କାମନା କଲେ ପ୍ଲାଟିନମ୍ ଜୁବିଲି କମିଟି କର୍ମକର୍ତ୍ତା

**ଖଣ୍ଡପଡ଼ା,୩୧।୩(ସ୍ୱ.ପ୍ର.):** ନୟାଗଡ଼ ଜିଲା ଖଣ୍ଡପଡ଼ା ସହରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ଉତ୍ସବ ଆସନ୍ତା ୨ରୁ ଆରମ୍ଭ ହୋଇ ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି । ୧ ତାରିଖ ଶୁକ୍ରବାର ଏକ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିବ । ଏଥିସହିତ ୨ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଉତ୍ସବକୁ ସରସ, ସୁନ୍ଦର କରିବାକୁ ପ୍ଲାଟିନମ୍ ଜୟନ୍ତୀ କମିଟି ସଭାପତି କୁଳମଣି ଷଡ଼ଙ୍ଗୀ, ସମ୍ପାଦକ କାଶୀନାଥ ଦାସ, ଯୁଗ୍ମ ଆବାହକ ଦୀପକ କୁମାର ମିଶ୍ର, ସହ ସମ୍ପାଦକ ବିନାୟକ ସାହୁ ପ୍ରମୁଖ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

### ରାମଲୀଳା କଳାକାରଙ୍କ ପରଲୋକ

**ଖଣ୍ଡପଡ଼ା,୩୧।୩(ସ୍ୱ.ପ୍ର.):** କଣ୍ଟିଲୋ ମାଧବ ଚୌଧୁରୀପାଟଣାସ୍ଥିତ ରଘୁନାଥ ଜୀଉ ନାଟ୍ୟ ସମିତିର କଳାକାର ତଥା ସୀତା ଭୂମିକାରେ ଅଭିନୟ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କୃଷ୍ଣଚନ୍ଦ୍ର ମହାରଣା (୬୫)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ଏଥିସହିତ ସେ ଯାତ୍ରାପଦା ବଜାର କମିଟିର ସମ୍ପାଦକ, ରଘୁନାଥ ଜୀଉ ଉନ୍ନୟନ କମିଟିର ସମ୍ପାଦକ, ନୀଳମାଧବ ଭାଗବତ ମଣ୍ଡଳୀର ସହସମ୍ପାଦକ ଓ ନିଖିଳ ଉତ୍କଳ କଂସାରୀ ସମାଜର କୋଷାଧ୍ୟକ୍ଷ ରୂପେ ଦାୟିତ୍ୱ ତୁଲାଇ ଆସୁଥିଲେ । ଶଙ୍ଖତୋଟା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପୁଅ ବିଷ୍ଣୁପ୍ରସାଦ ମହାରଣା ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି ।

### ଅବସରକାଳୀନ ସମ୍ବର୍ଦ୍ଧନା

**ନୟାଗଡ଼ ଅଫିସ,୩୧।୩:** କେନ୍ଦୁଡ଼ିପିସ୍ଥିତ ନବଚୌଧୁରୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ସଂସ୍କୃତ ଅଧ୍ୟାପକ କୃପାସିନ୍ଧୁ ସ୍ୱାଇଁଙ୍କୁ ଅବସରକାରଳୀନ ସମ୍ବର୍ଦ୍ଧନା ଗୁରୁବାର ଦିଆଯାଇଛି । ଏନେଇ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ସଂସ୍କୃତ ବିକାଶ ପରିଷଦର ସଭାପତି ବିଜୟ କୁମାର ରଥ ଓ ମୁଖ୍ୟବକ୍ତାରୂପେ ଶୁକ୍ଳ ବେହେରା ଡିଗ୍ରୀ କଲେଜର ଅଧକ୍ଷ ମହେନ୍ଦ୍ର କୁମାର ସ୍ୱାଇଁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ମା'ମଣିନାଗ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ନୀଳିମା ନନ୍ଦ ଯୋଗ ଦେଇଥିଲେ। ସେହିପରି ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ନୀଳାମ୍ବର ରଥ ଗୁରୁବାର ଅବସର ନେଇଛନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଁ ଶ୍ରମିକ ଅଭାବ

**ନୟାଗଡ଼ ଅଫିସ,୩୧।୩**



- କାମ କରୁଛି ମେଶିନ
- ଦାଦନ ଖଟିବାକୁ ଯାଉଛନ୍ତି ଶ୍ରମିକ
- ଚେଇଁ ଶୋଇଛି ପ୍ରଶାସନ

ନୟାଗଡ଼ ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପାଇଁ ଶ୍ରମିକ ମିଳୁନାହାନ୍ତି । ସେପଟେ ପେଟ ଚାଖଣ୍ଡକ ପାଇଁ ପ୍ରତିବର୍ଷ ଲକ୍ଷାଧିକ ଶ୍ରମିକ ଭିଟାମାଟି ଛାଡୁଛନ୍ତି । ଏହି ଯୋଜନାରେ କୌଣସି ତ୍ରୁଟି ରହିଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି ।

ନୟାଗଡ଼ ଜିଲା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପୂରି ରହିଛି । ଭୌଗୋଳିକ ଦୃଷ୍ଟିକୋଣରୁ ଜିଲାର ୩୩ ପ୍ରତିଶତ ପାହାଡ଼ ଓ ବଣ ଜଙ୍ଗଲ ରହିଛି । ଜିଲାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା କାର୍ଯ୍ୟକାରୀ ହେଉଛି । କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଯୋଗାଇ ଦେବା ପାଇଁ ପଦକ୍ଷେପ ନେଇଛନ୍ତି । ହେଲେ ନୟାଗଡ଼ରେ ଏହି ଯୋଜନାରେ କାମ କରିବାକୁ ଶ୍ରମିକ ମିଳୁ ନ ଥିବାରୁ ବହୁ କାମ ଅଧାରେ ଅଟକି ରହିଛି ବୋଲି ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ମତ ଦେଉଛନ୍ତି । ଜିଲାର ୯୯ ପ୍ରତିଶତ ପ୍ରକଳ୍ପ କାମ ମେଶିନ କରୁଛି । ଏହି କାରଣରୁ କାଗଜକଲମରେ ଶ୍ରମଦିବସ ସୃଷ୍ଟି କରାଯାଇ ସବୁକିଛି ଠିକ୍ ଚାଲିଛ ବୋଲି ଦର୍ଶାଯାଉଛି । ଏଭଳି ଅଭିଯୋଗ ବିଭିନ୍ନ ସମୟରେ ଉଠୁଥିଲେ ମଧ୍ୟ ସେଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ ।

ଅପରପକ୍ଷେ ନୟାଗଡ଼ରେ ବନ୍ୟା, ବାତ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧୁଛି । ଯାହାକିଛି ଉନ୍ନୟନ କାମ ହେଉଛି ତା'ର ସୁଫଳ ମିଳୁନି । ଏଠାକାର ଲୋକଙ୍କ ଆର୍ଥିକ ମାନଦଣ୍ଡ ସ୍ୱଚ୍ଛଳ ନ ଥିବାରୁ ପରିବାର ପ୍ରତିପୋଷଣ କରିବାକୁ ଯେତିକି ଅର୍ଥ ଆବଶ୍ୟକ ସେହି ଅର୍ଥ ଉପାର୍ଜନ କରିବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ । ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମଜୁରି ବହୁତ କମ୍ ମିଳୁଛି, ତାହା ପୁଣି ବିଳମ୍ବରେ । ଜବ୍‌କାର୍ଡ ପାଇବାକୁ ପୁଣି ରାଜନୀତି କରାଯାଉଛି । ଏପରି ବିବାଦରୁ ରକ୍ଷା ପାଇବା ପାଇଁ ଶ୍ରମିକମାନେ ରାଜ୍ୟ ବାହାରକୁ ଚାଲିଯାଉଛନ୍ତି । କେତେଜଣ ନାବାଳକ କାମ ପାଇବା ଆଶାରେ ଜିଲା ଛାଡିବାକୁ ବାଧ୍ୟ ହେଉଥିବା ଅଭିଯୋଗ ହୋଇଛି । ଲୋକମାନଙ୍କ ଦୁର୍ଦ୍ଦଶାର ସୁଯୋଗ ନେଉଛନ୍ତି ତଥାକଥିତ ଦଲାଲମାନେ। ଯେଉଁମାନେ କି ଅଭାବରେ ଥିବା ଲୋକଙ୍କୁ ନିୟମିତ କାମଧନ୍ଦା ଯୋଗାଇବା ପାଇଁ ରାଜ୍ୟ ବାହାରକୁ ନେଇ ଯାଉଛନ୍ତି । ହେଲେ ସେଠାରେ ସେହି ଶ୍ରମିକମାନେ ଅକଥନୀୟ ମାନସିକ ଓ ଶାରୀରିକ ନିର୍ଯାତନା ପାଉଛନ୍ତି । ପରିବାର ପୋଷଣ ପାଇଁ କେତେଜଣ ଶ୍ରମିକ ନିର୍ଯାତିତ ହୋଇବି ବାଧ ହୋଇ ଚୁପ ରହୁଛନ୍ତି। ଆଉ କେତେଜଣ ନିର୍ଯାତନା ସହି ନ ପାରି ଲୁଚିଛପି ନିଜ ଭିଟାମାଟିକୁ ଫେରି ଆସୁଛନ୍ତି। ସେମାନଙ୍କ କରୁଣ କାହାଣୀ ସମସ୍ତେ ଜାଣିଥିଲେ ବି ଜିଲା ପ୍ରଶାସନଠାରୁ ଆରମ୍ଭ କରି ଉଚ୍ଚପଦାଧିକାରୀ ପର୍ଯ୍ୟନ୍ତ ସମସ୍ତେ ଚୁପ୍ ରହୁଛନ୍ତି ବୋଲି ଶ୍ରମିକମାନେ କହିଛନ୍ତି ।

ବର୍ତ୍ତମାନ ଜିଲାର ପ୍ରାୟ ୨ଲକ୍ଷ ଶ୍ରମିକ ରାଜ୍ୟ ବାହାରକୁ ଯାଇ କାମ କରୁଥିବା ଏକ ସର୍ଭେରୁ ଜଣାପଡିଛି । ଏ ସମ୍ପର୍କରେ ସୁରଟରେ କାର୍ଯ୍ୟରତ ନୂଆଗାଁ ଅଞ୍ଚଳର ସୁବାସ ସାହୁ କୁହନ୍ତି, ଶାନ୍ତିରେ ଯଦି ବଞ୍ଚିବୁ, ଭିଟାମାଟି ଛାଡ଼ିବାକୁ ହେବ । କେତେଦିନ ଆଉ ସଂଗ୍ରାମ କରିବୁ । ଆମ ଅଞ୍ଚଳରେ ତ କାମ ମିଳୁନି । କାମ ସବୁ ମେଶିନ କରୁଛି। ଖାଇବୁ କ'ଣ, ପରିବାର ଲୋକଙ୍କ ପାଇଁ ଭିଟାମାଟିର ମୋହ ଛାଡି ବାହାରକୁ ଦାଦନ ଖଟିବାକୁ ଯିବାକୁ ପଡୁଛି ବୋଲି ସେ କହିଛନ୍ତି । ଜିଲା ଶ୍ରମ ଅଧିକାରୀ ପରମିତା ମିଶ୍ର କୁହନ୍ତି, ଯେତେବେଳେ ଯେଉଁ ଅଭିଯୋଗ ଆସୁଛି ତାହାକୁ ଗୁରୁତ୍ୱ ଦେଇ ସମାଧାନ କରାଯାଉଛି । ନିର୍ଯାତିତ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଉଛି। ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଉଛି । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ କୁହନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସାମାଜିକ ବୈଠକରେ ଶ୍ରମିକ ମିଳୁ ନ ଥିବା ଅଭିଯୋଗ ହେଉଛି । ତେବେ କାଗଜପତ୍ରରେ ଶ୍ରମିକ କାମ କରୁଥିବା ପ୍ରମାଣ ମିଳୁଛି । ମେଶିନ କାମ କରୁଥିବାର ଅଭିଯୋଗ ଆସୁଥିବା ସ୍ଥାନରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯାଉଛି ।

### ମହୁମାଛି ଦଂଶନରେ ପଥଚାରୀ ଆହତ



ରାସ୍ତା ପାର୍ଶ୍ୱରେ ଥିବା ଅଶ୍ୱତ୍ଥ ଗଛରେ ମହୁମାଛି ବସା ।

**ଖଣ୍ଡପଡ଼ା,୩୧।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ହାଟମୁଣ୍ଡପାଟଣା ବାଡିପାଖ ରାସ୍ତା ପାର୍ଶ୍ୱରେ ଥିବା ଏକ ଅଶ୍ୱତ୍ଥ ଗଛରେ ୨୦ରୁ ଉର୍ଦ୍ଧ୍ୱ ବାଘୁଆ ମହୁମାଛି ଫେଣା ରହିଛି । ଏବେ ଗ୍ରୀଷ୍ମ ପ୍ରବାହ ଯୋଗୁ ମହୁମାଛିମାନେ ଉତ୍ତାପ ସହି ନ ପାରି ଦଳ ଦଳ ହୋଇ ଉଡ଼ି ବୁଲୁଛନ୍ତି । ଫଳରେ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକମାନେ ଓ ସ୍ଥାନୀୟ ବାସିନ୍ଦା ମହୁମାଛି ଦଂଶନର ଶିକାର ହେଉଛନ୍ତି । ଏଥିପାଇଁ ସେହି ରାସ୍ତାରେ ଲୋକମାନେ ଯାତାୟାତ ବନ୍ଦ କରିଛନ୍ତି । ଯଦି କୌଣସି ଅଜଣା ଲୋକ ସେହି ରାସ୍ତାରେ ଯାତାୟାତ କରୁଛନ୍ତି ମହୁମାଛି ଦଂଶନରେ ଆହତ ହେଉଛନ୍ତି । ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

# ନଟିଆ କମେଡି, ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଲା




ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଉନ୍ତି ଦର୍ଶକ ।

**ଖଣ୍ଡପଡ଼ା,୩୧।୩(ସ୍ୱ.ପ୍ର.)**

**ଦଶଦୋଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଦଶଦୋଳ ପଡ଼ିଆରେ ଚାଲିଥିବା ଦଶଦୋଳ ମହୋତ୍ସବର ୨ୟ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ,ନଟିଆ କମେଡି ଓ ମେଲୋଡ଼ି ପରିବେଷଣ କରାଯାଇଥିଲା। କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନ ଜିଣି ପାରିଥିଲା । ମୁଖ୍ୟଅତିଥି ରୁପେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଯୋଗଦେଇ ପ୍ରାଚୀନ ଐତିହ୍ୟ,ପରମ୍ପରା ମହୋତ୍ସବ ମାଧ୍ୟମରେ ଉଜ୍ଜୀବିତ ରହୁ ବୋଲି ମତ ଦେଇଥିଲେ । ମହୋତ୍ସବ କମିଟି ପକ୍ଷରୁ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ମହୋତ୍ସବ କମିଟିର ସଭାପତି ସୁଦର୍ଶନ ସାହୁ ଓ ସମ୍ପାଦକ ଶରତ କୁମାର ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଶେଷରେ କଟକ ଓମ୍‌କାର ଗ୍ରୁପ ପକ୍ଷରୁ ମେଲୋଡି ପରିବେଷଣ କରାଯାଇଥିଲା ।

# ବିଦ୍ୟୁତ୍ ତାର ଲାଗି ବାଳକ ମୃତ

**ନୂଆଗାଁ, ୩୧।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳରେ ବିଦ୍ୟୁତ୍ ତାର ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୁଦୁରାଙ୍ଗ ଗ୍ରାମର କର୍ଣ୍ଣ ନାୟକ (୧୪) । ସୂଚନା ଅନୁଯାୟୀ, କର୍ଣ୍ଣ ନିଜ ମାମୁଙ୍କ ବିବାହ ଉତ୍ସବରେ ଯୋଗଦେବା ପାଇଁ ଖାଲମଡ଼ା ଯାଇଥିଲେ । ରାତିରେ ଖାଇ ସାରିବା ପରେ ସେ ଏକ ଫ୍ୟାନକୁ ଅନ୍ୟତ୍ର ଲଗାଇ ଶୋଇବା ପାଇଁ ପ୍ରସ୍ତୁତ ହେଉଥିଲେ । ହେଲେ ଫ୍ୟାନ୍ ତାରରେ ଥିବା ଜଏଣ୍ଟରେ ତାଙ୍କ ହାତ ଲାଗିବାରୁ ସେ ଚିତ୍କାର କରି ଚେତାଶୂନ୍ୟ ହୋଇପଡିଥିଲେ। ଏକଥା କର୍ଣ୍ଣଙ୍କ ଅଜା ଦେଖିବା ପରେ ତୁରନ୍ତ ତାଙ୍କୁ ଏକ ଅଟୋରିକ୍ସାରେ ନୂଆଗାଁ ପ୍ରାଥମିକ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତରଖାନା ବନ୍ଦ ଥିବାରୁ ସେଠାରୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ନୂଆଗାଁ ଡାକ୍ତରଖାନା ବନ୍ଦ ଥିବାରୁ କର୍ଣ୍ଣଙ୍କୁ ଆଶୁ ଚିକିତ୍ସା ମିଳି ପାରି ନ ଥିଲା। ମୁଖ୍ୟ ଚିକିତ୍ସାଳୟ ନେବାକୁ ବିଳମ୍ବ ହୋଇଯିବାରୁ କର୍ଣ୍ଣଙ୍କ ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ କହିଛନ୍ତି ।

# ୨୦ରୁ ଉର୍ଦ୍ଧ୍ୱ ପେଟ୍ରୋଲ ପମ୍ପ ବନ୍ଦ

**ନୟାଗଡ଼ ଅଫିସ,୩୧।୩**

ନୟାଗଡ଼ ଜିଲାର ୮ ବ୍ଲକ ସମେତ ୫ ସହରାଞ୍ଚଳରେ ପେଟ୍ରୋଲର କୃତ୍ରିମ ଅଭାବ ଦେଖାଦେଇଛି । କେତେକ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଥିଲେ ବି ଗ୍ରାହକଙ୍କୁ ଦିଆଯାଇ ନ ଥିଲା । ପ୍ରତିଦିନ ପେଟ୍ରୋଲ ଦର ବୃଦ୍ଧି ଯୋଗୁ ଅଧିକ ଲାଭ ଆଶାରେ ପମ୍ପ ମାଲିକମାନେ ଏପରି କୃତ୍ରିମ ଅଭାବ ପରିସ୍ଥିତି ସୃଷ୍ଟି କରିଥିବା ଅଭିଯୋଗ ହୋଇଛି । ଆଉ କେତେକ ପେଟ୍ରୋଲ ପମ୍ପରେ ତେଲ ନ ଥିବା କୁହାଯାଉଛି । ଜିଲାର ୨୦ରୁ ଉର୍ଦ୍ଧ୍ୱ ପେଟ୍ରୋଲ ପମ୍ପରେ ଏପରି ଅବ୍ୟବସ୍ଥା ଦେଖାଯାଇଛି ।

### ଅଚଳ ନଳକୂପ ମରାମତି କରାଯାଉନି

**ଜଳଛତ୍ର ଖୋଲିବାକୁ ଦାବି**

**ଖଣ୍ଡପଡ଼ା,୩୧।୩(ସ୍ୱ.ପ୍ର.)**

ଗ୍ରୀଷ୍ମ ପ୍ରବାହର ପ୍ରାରମ୍ଭରେ ବିଭିନ୍ନ ଗ୍ରାମରେ ପାନୀୟ ଜଳର ଉତ୍କଟ ଅଭାବ ପରିଲିକ୍ଷିତ ହେଉଛି । ଖଣ୍ଡପଡ଼ା ବ୍ଲକ ଅଧୀନ ଆଦିବାସୀ ବହୁଳ ବଣ ପାହାଡ଼ ଘେରା ଉପାନ୍ତ ଅଞ୍ଚଳରେ ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଯୋଗୁ ସ୍ଥାନୀୟ ବାସିନ୍ଦା ପାଣି ମୁନ୍ଦେ ସଂଗ୍ରହ କରିବା ପାଇଁ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ନଦୀ, ପୋଖରୀ, ନାଳ, ଗାଡ଼ିଆ ସବୁକିଛି ଜଳଉତ୍ସ ଶୁଖିବାରେ ଲାଗିଛି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଅଚଳ ହୋଇ ପଡି ରହିଥିବା ନଳକୂପଗୁଡିକର ମରାମତି ସହ ଖଣ୍ଡପଡ଼ା ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ଜଳଛତ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି ।

## ଗାଁର ବିକାଶ କରିବେ ଏମ୍‌ବିଏ ଛାତ୍ର

**ଦାରିଙ୍ଗବାଡ଼ି,୩୧।୩(ଡି.ଏନ.ଏ.)**

**ସିମନବାଡିର ୬ନଂ ୱାର୍ଡ଼ରୁ ଜିତି ନାଏବ ସରପଞ୍ଚ**

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ ୬ନଂ ୱାର୍ଡ଼ର ବିକାଶ ପାଇଁ ଗ୍ରାମବାସୀଙ୍କୁ ନେଇ ଗୁରୁବାର ଏକ ବୈଠକ କରିଛନ୍ତି ୱାର୍ଡ ସଭ୍ୟ ତଥା ନାଏବ ସରପଞ୍ଚ ଏସ. ସୁନୀଲ କୁମାର ସୁବୁଦ୍ଧି। ଏସ.ସୁନିଲ ଜଣେ ଏମବିଏ ଛାତ୍ର। ସେ ଚାକିରି ପଛରେ ନ ଦୌଡ଼ି ଗାଁର ବିକାଶ ପାଇଁ ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ି ଜିତିଥିଲେ। ନିର୍ବାଚନ ପରେ ୱାର୍ଡ଼ରେ ଏହା ପ୍ରଥମ ବୈଠକ। ବୈଠକରେ ସେ ନିଜେ ଅଧ୍ୟକ୍ଷତା ଗାଁର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ କରିବା ପାଇଁ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଛନ୍ତି। ଗାଁର ଅଙ୍ଗନୱାଡ଼ି କେନ୍ଦ୍ରଠାରୁ ଆରମ୍ଭ କରି ବିଦ୍ୟାଳୟ ମରାମତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ଖସଡ଼ା ପ୍ରସ୍ତୁତ କରିବା ସହ ଯେଉଁମାନେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଏବଂ ଭିନ୍ନକ୍ଷମ ଭତ୍ତା ଆଦି ପାଇବା ପାଇଁ ଯୋଗ୍ୟ ସେମାନଙ୍କ ନାମ ତାଲିକା ପ୍ରସ୍ତୁତ ପାଇଁ ପଦକ୍ଷେପ ନେଇଛନ୍ତି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୦୦ ଦିନର କାର୍ଯ୍ୟ ସହ ଉକ୍ତ ଯୋଜନାରେ ବିଭିନ୍ନ ପ୍ରକଳ୍ପ କରାଯିବା ପାଇଁ ଆଲୋଚନା କରିଛନ୍ତି। ବୈଠକରେ ୱାର୍ଡ଼ର ନାରାୟଣ ସାହୁଙ୍କ ସମେତ ଏସ. ପ୍ରକାଶ ରାଓ ସୁବୁଦ୍ଧି, ବାସୁଦେବ ସାହୁ, ସାଇବ ସାହୁ, ପୂର୍ବତନ ସମିତିସଭ୍ୟ ଚୁନି ମୁଖିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଜିଲାପାଳ ଶୁଣିଲେନି ଚାଷୀଙ୍କ ସମସ୍ୟା

**ନୟାଗଡ଼ ଅଫିସ,୩୧।୩**



ଧାରଣାରେ ବସିଥିବା ଚାଷୀ ।

- ଚତୁର୍ଥ ଦିନରେ ଚାଷୀଙ୍କ ଧାରଣା ପ୍ରତ୍ୟାହୃତ
- ଧାନକିଣାର ବୈଧତା ଶେଷ ଓହରିବାକୁ ବାଧ କଲା
- ପ୍ରଶାସନର ଅସହଯୋଗକୁ ନେଇ ଗାଁରେ ହେବ ନିଷ୍ପତ୍ତି

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ୨୮ରୁ ଚାଲିଥିବା ଚାଷୀଙ୍କ ଆନ୍ଦୋଳନକୁ ନବ ନିର୍ମାଣ କୃଷକ ସଙ୍ଗଠନ ଗୁରୁବାର ପ୍ରତ୍ୟାହାର କରି ନେଇଛି । ମାର୍ଚ୍ଚ ୩୧ରେ ଧାନ କିଣାର ବୈଧତା ଶେଷ ହୋଇଥିବାରୁ ଚାଷୀ ଆନ୍ଦୋଳନକୁ ବିନା ଆଲୋଚନାରେ ବାଧ୍ୟ ହୋଇ ପ୍ରତ୍ୟାହାର କରାଯାଇଛି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪ ଦିନ ଧରି ଜିଲାର ଚାଷୀମାନେ ଧାନକିଣାର ଅବ୍ୟବସ୍ଥା ନେଇ ଅଭିଯୋଗ କରି ଧାରଣା ଦେଇଥିଲେ ମଧ୍ୟ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ ଅଥବା ଜିଲା ଯୋଗାଣ ଅଧିକାରୀ ଅଭିଯୋଗ ଶୁଣି ନ ଥିଲେ । ଏପରି କି ଚାଷୀଙ୍କ ସମସ୍ୟା ଶୁଣି ଏହାର ସମାଧାନର ମାର୍ଗ କାଢ଼ି ନ ଥିଲେ । ଶେଷରେ ଚାଷୀମାନେ ଜିଲା ପ୍ରଶାସନର ଅସହଯୋଗ ଉପରେ ଅସନ୍ତୋଷ ବ୍ୟକ୍ତ କରି ଗାଁ ମୁହଁ ହୋଇଛନ୍ତି । ଗାଁ ସଭାରେ ନିଷ୍ପତ୍ତି ପରେ ପରବର୍ତ୍ତୀ ପଦକ୍ଷେପ ନେବାକୁ ଚାଷୀମାନେ ଅପେକ୍ଷା କରିଛନ୍ତି।

ଏନେଇ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ମହେଶ୍ୱର ଜେନା ଓ ଜିଲା ସହ ସଂଯୋଜକ ପ୍ରସନ୍ନ କୁମାର ପ୍ରଧାନ ଗୁରୁବାର ଖବରଦାତା ସମ୍ମିଳନୀରେ କହିଛନ୍ତି, ଧାନ କିଣା ବନ୍ଦ ହେବା ପୂର୍ବରୁ ଜୱାଦ୍ ବାତ୍ୟା ପାଇଁ ଚାଷୀଙ୍କୁ କ୍ଷତିପୂରଣ ସରକାର ଦେଇ ପାରି ନାହାନ୍ତି । ଜୱାଦରେ କ୍ଷତିଗ୍ରସ୍ତ ଗଣିଆ, ଦଶପଲ୍ଲା ବ୍ଲକର ଚାଷୀଙ୍କୁ ଏଯାବତ ସାମିଲ କରାଗଲା ନାହିଁ । ଧାନକିଣାର କଟ୍‌ନୀଛଟନୀରେ ଚଞ୍ଚକତା କରି କୁଇଣ୍ଟାଲ ପିଛା ୧୦ରୁ ୧୫ କେଜି କାଟି ଦିଆଗଲା। ଧାନ କିଣା ଆରମ୍ଭ ପରେ ଏପରି ଅଭିଯୋଗ ଉଠିଥିବାବେଳେ ଧାନ କିଣା ଶେଷ ପରେ ବି ଅଭିଯୋଗକୁ ବିଚାରକୁ ନିଆଗଲା ନାହିଁ । ପ୍ରତିବର୍ଷ ପରି ଚଳିତ ବର୍ଷର ମଧ କଟ୍‌ନୀଛଟ୍‌ନିରେ ଚାଷୀଙ୍କ ଧାନ ଅଥବା ଏ ବାବଦ ଟଙ୍କା ଫେରସ୍ତ ମିଳିଲାନି । ଚାଷୀ ତାର ସମସ୍ୟାକୁ ସମାଧାନ କରିବାକୁ ପ୍ରତିବାଦ, ଅଭିଯୋଗ, ଆନ୍ଦୋଳନ କରିବା ପରେ ବି ନ୍ୟାୟ ପାଇଲାନି । ବରଂ ମିଥ୍ୟା ପ୍ରତିଶ୍ରୁତି ପାଇ ପ୍ରତାରିତ ହେଲା । ଶେଷରେ ୨୮ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା । ହେଲେ ଏହାକୁ ବି ପ୍ରଶାସନ ଅଣଦେଖା କଲା । ସବୁ ଜାଣି ନୀରବ ରହି ଚାଷୀଙ୍କ ପରି ସମସ୍ୟାକୁ ଏଡାଇ ଦେଲା । ଏନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ଶେଷଦେବ ନନ୍ଦଙ୍କ ପରାମର୍ଶ ନିଆଗଲା। ଉଭୟଙ୍କଠାରୁ ପରାମର୍ଶ ପାଇବା ପରେ ଧାନ କିଣାର ବୈଧତା ଶେଷ ଦିବସରେ ଧାରଣା ପ୍ରତ୍ୟାହୃତ କରାଯାଇଛି । ଜିଲା ପ୍ରଶାସନର ଅସହଯୋଗର ପ୍ରତିବାଦରେ ଜିଲା ପ୍ରଶାସନକୁ ଅଚଳ କରିବାକୁ ଗାଁ ଓ ୱାର୍ଡକୁ ଯାଇ ଆଲୋଚନା କରି ପରେ ପୁଣି ଆନ୍ଦୋଳନକୁ ତୀବ୍ର କରାଯିବ । ଏନେଇ ୨ମାସ ମଧ୍ୟରେ ପୁଣି ଆନ୍ଦୋଳନ ହେବ ବୋଲି ଉଭୟ ଚାଷୀନେତା କହିଛନ୍ତି ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୩୧।୩(ସ୍ୱ.ପ୍ର.)**

ଭାପୁର ବ୍ଲକ ଅଧୀନ ଧାନଚାଙ୍ଗଡ଼ା ଉଚ୍ଚବିଦ୍ୟାଳୟରେ ୩୬ ବର୍ଷ ଧରି କାର୍ଯ୍ୟରତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଗୁରୁବାର ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୁଗଳ କିଶୋର ଜେନା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ରୁପେ ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ବିଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ କର୍ତ୍ତବ୍ୟନିଷ୍ଠ ଓ ଛାତ୍ରବତ୍ସଳ ଶିକ୍ଷକ ସବୁଠି ଆଦର ପାଇଥାନ୍ତି ବୋଲି କହିଥିଲେ। ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର ଦାଶ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ପୁଣି ତାଗିଦ କଲେ ସଚିବ

# ଦୁର୍ଘଟଣାଜନିତ ମୃତ୍ୟୁହାର ବଢ଼ୁଛି

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

**ଗଜପତି ଜିଲାରେ ସର୍ବାଧିକ, ନୟାଗଡ଼ରେ ସର୍ବନିମ୍ନ**

ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୦ରେ ୨୦୨୧ ବର୍ଷ ଅପେକ୍ଷା ଦୁର୍ଘଟଣାଜନିତ ମୃତ୍ୟୁହାର ୭.୨୪ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୧ ବର୍ଷରେ ମୋଟ ୧୦,୯୮୪ ଦୁର୍ଘଟଣା ରାଜ୍ୟରେ ହୋଇଥିବା ବେଳେ ସେଥିରେ ୫୦୮୧ଜଣଙ୍କ ମୃତ୍ୟୁ ଘଟିବା ସହ ୯୬୮୨ ଆହତ ହୋଇଛନ୍ତି। ମିଳିଥିବା ତଥ୍ୟ ମୁତାବକ ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁହାର ଦ୍ରୁତଗତିରେ ବଢ଼ିଚାଲିଛି। ୨୦୧୪ ଦୁର୍ଘଟଣାରେ ୩୯୩୧ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୧ରେ ଏହି ସଂଖ୍ୟା ୫୦୮୧ରେ ପହଞ୍ଚିଛି। ଏହି ସମୟ ଭିତରେ ରାଜ୍ୟରେ ପ୍ରାୟ ୨୯ ପ୍ରତିଶତ ମୃତ୍ୟୁହାର ବୃଦ୍ଧି ଘଟିଛି।

ଗଜପତି, ଝାରସୁଗୁଡ଼ା, ବୌଦ୍ଧ ଏବଂ ରାୟଗଡ଼ା ଭଳି ଜିଲାରେ ୨୫ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁହାରରେ ବଢିଛି। କେନ୍ଦୁଝର, ଗଞ୍ଜାମ, ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, ଖୋର୍ଦ୍ଧା ଏବଂ କଟକ ଜିଲାରେ ୨୦୦ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ସାମ୍ନାକୁ ଆସୁଛି। ଏହାକୁ ହ୍ରାସ କରିବା ଲାଗି ପରିବହନ ବିଭାଗ ସଚିବ ବିଷ୍ଣୁପଦ ସେଠୀ ସମସ୍ତ ଜିଲାର ଜିଲାପାଳ, ଏସ୍‌ପି ଏବଂ ସବୁ ଆର୍‌ଟିଓକୁ ଚିଠି ଲେଖି ଗୁରୁବାର ଜଣାଇଛନ୍ତି। ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁହାର କମାଇବାକୁ ଗଠନ ହୋଇଥିବା ସ୍ପେଶାଲ ଟାସ୍କଫୋର୍ସ ମଧ୍ୟ ଠିକ୍‌ରେ କାମ କରୁ ନ ଥିବା ସେ କହିଛନ୍ତି। ପଞ୍ଚାୟତ ଏବଂ ସହରାଞ୍ଚଳରେ ମଧ୍ୟ ଟ୍ରାଫିକ ନିୟମ କଡ଼ାକଡ଼ି କରିବାରେ ପ୍ରସ୍ତୁତ ଯୋଜନା ଫେଲ୍ ହୋଇଛି।

ସଚିବଙ୍କ ଚିଠିରେ ଉଲ୍ଲେଖ ରହିଥିବା ତଥ୍ୟ ଅନୁଯାୟୀ, ୨୦୨୦ ବର୍ଷରେ ରାଜ୍ୟରେ ମୋଟ ୯୮୧୭ ଦୁର୍ଘଟଣାଜନିତ ଘଟଣା ସାମ୍ନାକୁ ଆସିଥିବାବେଳେ ୨୦୨୧ରେ ଏହି ସଂଖ୍ୟା ୧୦୯୮୪ରେ ପହଞ୍ଚିଛି। ୨୦୨୦ରେ ମୋଟ ୪୭୩୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୧ରେ ଏହି ସଂଖ୍ୟା ୫୦୮୧ରେ ପହଞ୍ଚିଛି। ୨୦୨୦ ତୁଳନାରେ ୨୦୨୧ରେ ରାଜ୍ୟରେ ମୃତ୍ୟୁହାରରେ ୭.୨୪ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୧ରେ ଗଜପତି ଜିଲାରେ ସର୍ବାଧିକ ୩୨.୫୬ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ରହିଛି। ଏହାପରେ ଝାରସୁଗୁଡ଼ା, ବୌଦ୍ଧ ଏବଂ ରାୟଗଡା ଜିଲା ରହିଛି। ନୟାଗଡ ଜିଲା ଦୁର୍ଘଟଣାଜନିତ ମୃତ୍ୟୁହାର ସର୍ବନିମ୍ନ ରହିଛି। ତେଣୁ ଏହାକୁ ହ୍ରାସ କରିବା ଲାଗି ସ୍ପେଶାଲ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ ଆରମ୍ଭ ଲାଗି କହିଛନ୍ତି। ୨୦୨୧ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ରାଜ୍ୟରେ ୧୨ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁହାର ବୃଦ୍ଧି ଘଟିଛି। ଏବେଠାରୁ ଦୁର୍ଘଟଣା କମାଇବାକୁ ଚେକିଂ କଡ଼ାକଡି କରିବାକୁ ପରିବହନ ବିଭାଗର ସମସ୍ତ ଡେପୁଟି କମିଶନର ଏବଂ ଆର୍‌ଟିଓମାନଙ୍କୁ ଗୁରୁବାର ପରିବହନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଜିଲାସ୍ତରରେ ଏଥିଲାଗି ମାଇକ୍ରୋ ଲେଭଲ ମନିଟରିଂ ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ଏବେ ସବୁ ଡେପୁଟି କମିଶନରମାନେ ଆର୍‌ଟିଓ ଅଫିସ ଯାଇ ସ୍ଥିତି ଅନୁଧ୍ୟାନ କରିବେ। ଏଣିକି ହାଇୱେ ପାଟ୍ରୋଲିଂ, ନିଶାସକ୍ତ ଚାଳକଙ୍କୁ ଧରିବା ଲାଗି ବ୍ରେଥ୍ ଆନାଲାଇଜରର ବ୍ୟବହାର, ନିୟମ ଭାଙ୍ଗିଥିବା ବ୍ୟକ୍ତିଙ୍କ ବିରୋଧରେ ଚାଲାଣ କାଟିବା, ଦୁର୍ଘଟଣାର ଠିକ୍ ତଥ୍ୟ ପ୍ରଦାନ ଏବଂ ଡିଏଲ୍ ବାତିଲ ଉପରେ ଗୁରୁତ୍ୱ ଦେବାକୁ ବିଭାଗୀୟ ସଚିବ ତାଙ୍କ ଚିଠି ଜରିଆରେ ନିର୍ଦ୍ଦେଶ ଦେଇଛନ୍ତି।

